ଓଡିଆ ମାସିକ ସାହିତ୍ୟ ଇ-ପତ୍ରିକା

# ପ୍ରେରଣା

ଭାଷା,ସାହିତ୍ୟ ଓ ଭାବନା ର ମଧୁର ମିଳନ

ଅକ୍ଟୋବର ୨୦୧୮ | ପ୍ରଥମ ସଂସ୍କରଣ

## ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ପ୍ରତିଷ୍ଠାତା

ପ୍ରେରଣା ମାସିକ ସାହିତ୍ୟ ଇ-ପତ୍ରିକା

PosterMyWall.com

# ପ୍ରେରଣା

ମାସିକ ଓଡିଆ ସାହିତ୍ୟ ଇ-ପତ୍ରିକା



ଭାଷା,ସାହିତ୍ୟ ଓ ଭାବନାର ମଧୁର ମିଳନ


**ପ୍ରତିଷ୍ଠାତା**

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

**ସମ୍ପାଦକ**

ଶ୍ରୀ ଦେବୀ ପ୍ରସାଦ ସ୍ୱାଇଁ

ଜହ୍ନିତଇଳା, ବାରଦା,

ଢେଙ୍କାନାଳ

8908279130

8908279130

emagazineprerana@gmail.com

www.facebook.com/preranaodia/

# ଉପକ୍ରମ

ପ୍ରାରମ୍ଭରୁ ଓଡିଆ ସାହିତ୍ୟ ପ୍ରତି ବିଶେଷ ଦୁର୍ବଳତା ନଥିଲେ ମଧ, କିଞ୍ଚିତ୍ ଜିଜ୍ଞାସା ନିଶ୍ଚୟ ଥିଲା I ଯେବେ କେବେବି ବାପାଙ୍କର ଲେଖା କିଛି ପଢେ, ତାଙ୍କ ସୃଜନଶୀଳତା ଓ ସାହିତ୍ୟର ବୈସ୍ତୃତ୍ୟ ଦେଖି ଅତି ବିସ୍ମିତ ଲାଗେ I ତାଙ୍କ ଲେଖା ପରି ସୁନ୍ଦର ସାହିତ୍ୟ, ଲୋକଲୋଚନରୁ ଅଦୃଷ୍ଟ ରହିଗଲା କେବଳ ସୁଯୋଗ ଏବଂ ପ୍ରୋତ୍ସାହନ  ଅଭାବରୁ I ତାଙ୍କ ପରି ଅନେକ ସାହିତ୍ୟ ସାଧକ ବଣମଲ୍ଲୀ ପରି ବଣରେ ଫୁଟି ନିଜର ସୁଗନ୍ଧ ଚତୁର୍ପାର୍ଶ୍ଵରେ ପ୍ରସାରିତ କରିବା ପୂର୍ବରୁ ଝଡି  ଯାଉଛନ୍ତି I

ଓଡିଆ ସାହିତ୍ୟର ସେହି ଲୁକ୍କାୟିତ ତଥା ଅପ୍ରସଂଶିତ ସ୍ରଷ୍ଟା ମାନଙ୍କୁ ସୁଯୋଗ ଦେବା ଏବଂ ସେମାନଙ୍କର ଅପ୍ରକାଶିତ ରଚନା ଗୁଡିକୁ ଲୋକ ଲୋଚନକୁ ଆଣିବା ପାଇଁ ଏକ ମାଧ୍ୟମ ପ୍ରଦାନ କରିବାର ଏକ କ୍ଷୁଦ୍ର ପ୍ରଚେଷ୍ଟା "ପ୍ରେରଣା" I ଯେକୌଣସି ପ୍ରତିକୂଳ ପରିସ୍ଥିତିରେବି, ନିର୍ଭୀକ ଭାବରେ ନିଜର କର୍ମ କରି ଚାଲିବା ପାଇଁ, ବାପାଙ୍କ ଠାରୁ ଯେଉଁ ପ୍ରେରଣା ମିଳିଥିଲା, ସେହି ପ୍ରେରଣାକୁ ସାହିତ୍ୟ ପ୍ରେମୀ ବନ୍ଧୁ ମାନଙ୍କ ସହ ପ୍ରସାର କରି ଓଡିଆ ଭାଷା ସାହିତ୍ୟ ପ୍ରତି ନିଜର ସାମାନ୍ୟ ଅନୁଦାନ ଅର୍ପଣ କରିବା ପାଇଁ ହିଁ  "ପ୍ରେରଣା"ର ସୃଷ୍ଟି I

ଏହି ମାଧ୍ୟମଟି ଆପଣଙ୍କୁ ସାମାନ୍ୟତମ ପ୍ରୋତ୍ସାହନ ପ୍ରଦାନ କଲେ ମୋର ଶ୍ରମ ସାର୍ଥକ ହେବା ଆଶାକରେ I

# ସହୃଦୟ ପାଠକ ପାଠିକା ମାନଙ୍କ ପ୍ରତି...

ପ୍ରେରଣା ଇ-ପତ୍ରିକାକୁ ଶତ-ପ୍ରତିଶତ ନିର୍ଭୁଲ ଭାବରେ ପ୍ରକାଶ କରିବା ପାଇଁ ଆମ୍ଭେମାନେ ଚେଷ୍ଟିତ I ଯେହେତୁ ଏହା ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟିର ଏକ ସଂକଳନ ମାତ୍ର, ସେମାନଙ୍କର ଭାବ ଏବଂ ସାହିତ୍ୟିକ ତ୍ରୁଟିକୁ ପରିବର୍ତ୍ତନ କରିବା ସମ୍ଭବପର ନୁହେଁ I ଆମ୍ଭେ କେବଳ ଭାଷାଗତ ଏବଂ ଶବ୍ଦଗତ ତ୍ରୁଟିକୁ ସୁଧାରିବା ପାଇଁ ପ୍ରୟାସ କରିଛୁ I ଏହି ସବୁ ସତ୍ତ୍ୱେ ଯଦି କିଛି ବ୍ୟାକରଣଗତ ତ୍ରୁଟି ରହି ଯାଇଥାଏ ତେବେ ତାହା ସହୃଦୟ ପାଠକ ପାଠିକା ତଥା ବିଦଗ୍ଧ-ସାହିତ୍ୟ ସମୀକ୍ଷକମାନଙ୍କର ବିହଙ୍ଗାବଲୋକନରୁ କଦାପି ଲୁଚି ରହି ପାରିବ ନାହିଁ, ତେଣୁ ସର୍ବାଦୌ ସେମାନଙ୍କ ନିକଟରେ ତ୍ରୁଟି ଜଣାଇଁ କ୍ଷମା ଭିକ୍ଷା କରୁଅଛି I ଏହି ପତ୍ରିକାରେ ଯଦି ସେପରି କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ପ୍ରକାଶ ପାଇଥାଏ ତେବେ ତାହା ଜଣାଇଲେ ତ୍ରୁଟି ମାର୍ଜନା ପ୍ରତି ଯତ୍ନବାନ ହେବୁ I

## ବିଶେଷ କୃତଜ୍ଞତା

- ଶ୍ରୀ ବିଭୁଶ୍ରୀ ମିଶ୍ର, ଢେଙ୍କାନାଳ
- ଶ୍ରୀ ସନ୍ତୋଷ ସାଗର ମିଶ୍ର, ରଣପଶି,ଢେଙ୍କାନାଳ
- ଶ୍ରୀ ହୃଦୟାନନ୍ଦ ପଧାନ, ଭୁବନେଶ୍ୱର
- ଶ୍ରୀ ଶଶିକାନ୍ତ ସାହୁ,ଜହ୍ନିତଇଳା,ଢେଙ୍କାନାଳ

# ପ୍ରେରଣା ଇ-ପତ୍ରିକା ପ୍ରକାଶନର ନିୟମାବଳୀ :

- ପ୍ରେରଣା ଇ-ପତ୍ରିକା ଏକ ମାସିକ ସଂସ୍କରଣ ହୋଇଥିବାରୁ ପ୍ରିୟ ଲେଖକ/ଲେଖିକା ମାନେ ପ୍ରତି ମାସରେ ପ୍ରକାଶଯୋଗ୍ୟ ନିଜସ୍ୱ ଲେଖା ପଠାଇ ପାରିବେ ।
- ପ୍ରକାଶନ ପାଇଁ ପ୍ରେରିତ ଲେଖା ଗୁଡିକର ନକଲକୁ ଲେଖକ/ଲେଖିକା ମାନେ ନିଜ ପାଖରେ ସରଂକ୍ଷିତ କରି ରଖିବା ପାଇଁ ଅନୁରୋଧ । କାରଣ ଅମନୋନିତ ଲେଖା ଗୁଡିକ ଫେରସ୍ତ ହେବାର ବ୍ୟବସ୍ଥା ନାହିଁ ।
- ବର୍ତ୍ତମାନ ପ୍ରେରଣା ଇ-ପତ୍ରିକା ମୁଖ୍ୟତଃ ପଦ୍ୟ ଏବଂ ଗଦ୍ୟ ଏହି ଦୁଇଟି ବିଭାଗ କୁ ନେଇ ଗଠିତ ହୋଇଥିବାରୁ ପ୍ରତି ସଂସ୍କରଣ ପାଇଁ ପ୍ରିୟ ଲେଖକ/ଲେଖିକା ମାନେ ଅତିବେଶିରେ କେବଳ ଦୁଇଟି (ଗୋଟିଏ ଗଦ୍ୟ ଏବଂ ଗୋଟିଏ ପଦ୍ୟ) ଲେଖା ପଠାଇ ପାରିବେ ।
- ପ୍ରିୟ ଲେଖକ/ଲେଖିକା ମାନେ ନିଜସ୍ୱ ଲେଖା ପଠାଇବା ପାଇଁ www.preranaodia.com ରେ ଉପଯୁକ୍ତ ତଥ୍ୟ ପ୍ରଦାନ କରିବା ସହ ନିଜସ୍ୱ ଲେଖା ଅପ୍-ଲୋଡ କରିବା ଆବଶ୍ୟକ ।
- ପ୍ରତି ସଂସ୍କରଣ ପାଇଁ କେବଳ ଏହି ପଞ୍ଜୀକରଣ ଦ୍ୱାରା ଲେଖା ଗ୍ରହଣଯୋଗ୍ୟ ଅଟେ । ସୁତରାଂ ପ୍ରତି ସଂସ୍କରଣ ପାଇଁ ଲେଖକ/ଲେଖିକା ମାନେ ଲେଖାକୁwww.preranaodia.com ରେ ଅପ୍-ଲୋଡ କରିବାକୁ ପଡିବ । ପଞ୍ଜୀକରଣ ସମୟରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ଆମ ସହ ଯୋଗାଯୋଗ କରିବାକୁ ଅନୁରୋଧ ।
- ପ୍ରିୟ ଲେଖକ/ଲେଖିକା ମାନେ ପଞ୍ଜୀକରଣ ଫର୍ମ ରେ ପ୍ରଦତ୍ତ ସ୍ଥାନରେ ନିଜସ୍ୱ ଲେଖାକୁ ଓଡିଆ ରେ ଲେଖି ପାରିବେ କିମ୍ବା କେବଳ  ମାଇକ୍ରୋସଫ୍ଟ ୱାର୍ଡ ବା ପିଡିଏଫ୍ ଫାଇଲ ଦ୍ୱାରା ଲେଖା ଅପ୍-ଲୋଡ କରିପାରିବେ ।

- ଇ-ମେଲ କିମ୍ବା ହ୍ୱାଟସ୍ଆପ୍ ଦ୍ୱାରା ପ୍ରେରିତ ଲେଖା ଗ୍ରହଣୀୟ ନୁହେଁ । ତେଣୁ ସହୃଦୟ ଲେଖକ/ଲେଖିକା ମାନେ ଲେଖା ପଠାଇବା ପାଇଁ ଏହାର ବ୍ୟବହାର ନକରିବା ପାଇଁ ବିଶେଷ ଅନୁରୋଧ ।
- ଲେଖା ଚୟନ କେବଳ ସମ୍ପାଦନା ମଣ୍ଡଳୀ ଦ୍ୱାରା ସ୍ଥିରୀକୃତ ହୋଇଥାଏ । ଲେଖକ/ଲେଖିକା ମାନେ ଏହା ଉପରେ କୌଣସି ଅଭିଯୋଗ ରଖିପାରିବେ ନାହିଁ । ଲେଖାଗୁଡିକ କୌଣସି ଧର୍ମ ବହିର୍ଭୂତ ତଥା ବିରୋଧୀ ତତ୍ତ୍ୱ ଉପରେ ଆଧାରିତ ନ ହେବା ଆବଶ୍ୟକ ।
- ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ଲେଖା ତଥା ଏହାର ୱେବସାଇଟ ରେ ପ୍ରଦତ୍ତ ତଥ୍ୟ ସମ୍ପାଦକଙ୍କ ଅନୁମତି ବିନା କୌଣସି ପତ୍ର-ପତ୍ରିକା ରେ ପ୍ରକାଶିତ ହେବା ଅପରାଧ ବୋଲି ବିବେଚନା କରାଯିବ । ସୁତରାଂ ଏଥି ନିମନ୍ତେ ସମ୍ପାଦକଙ୍କ ଠାରୁ ଲିଖିତ ଅନୁମତି ଆବଶ୍ୟକ ।
- ଏହି ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା ଉଭୟ ପ୍ରକାଶକ ଏବଂ ଲେଖକ/ଲେଖିକା ମାନଙ୍କ ପାଖରେ ସର୍ବଦା ସରଂକ୍ଷିତ । ତେଣୁ ନିଜସ୍ୱ ଲେଖା କୁ ସୋସିଆଲ ମିଡିଆ/ନେଟୱର୍କରେ ପ୍ରଚାର ଏବଂ ପ୍ରସାର ନିମନ୍ତେ ସେୟାର୍ କରିବାର ସମ୍ପୂର୍ଣ ଅଧିକାର ପ୍ରିୟ ଲେଖକ/ଲେଖିକା ମାନଙ୍କର ଅଛି ।

**ପ୍ରେରଣା ଇ-ପତ୍ରିକାରେ ପ୍ରକାଶିତ ସମସ୍ତ ଲେଖା, ଲେଖକ/ଲେଖିକା ମାନଙ୍କର ନିଜସ୍ୱ ସୃଷ୍ଟି ହୋଇଥିବାରୁ ଯେକୌଣସି ବାଦାନୁବାଦ ପାଇଁ କେବଳ ଲେଖକ/ଲେଖିକା ମାନେ ଉତ୍ତରଦାୟୀ ରହିବେ ।ଏଥିରେ ପ୍ରକାଶକ, ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।**

# ସଂପାଦକୀୟ...

**ପ୍ରିୟ ସାହିତ୍ୟ ପ୍ରେମୀ,**

ସୃଷ୍ଟିରେ ଅନେକ ଜୀବର ଆରମ୍ଭ ମାତୃଗର୍ଭରୁ  ଆରମ୍ଭ ହୁଏ । କ୍ରମଶଃ ମାତୃଗର୍ଭରେ ତା'ର ଶାରୀରିକ ବିକାଶ ଘଟି ଧରାପୃଷ୍ଠକୁ ଆସିଥାଏ । ମନୁଷ୍ୟ କ୍ଷେତ୍ରରେ ମଧ୍ୟ ଏହିପରି ଘଟିଥାଏ । ଧରାପୃଷ୍ଠରେ ଅବତରଣ ପରେ ଉପଯୁକ୍ତ ଲାଳନ ପାଳନ ଯୋଗୁ ତାର ଶାରୀରିକ ଓ ମାନସିକ ସ୍ତରରେ ବିକାଶ ଘଟେ । ଜୀବନର ପ୍ରଥମ ଗୁରୁ ଭାବେ ମା ଠାରୁ ଶିକ୍ଷାଲାଭ କରେ । ପିତା-ମାତା ସନ୍ତାନର ଦେବତା ସଦୃଶ ଅଟନ୍ତି ।

ତେଣୁ ଯଥାର୍ଥ ରେ କୁହାଯାଇଛି –

"ପିତା ମାତା ବେନି ଅଟନ୍ତି ସନ୍ତାନ ର ଦେବତା
ଈଶ୍ୱର ସ୍ୱରୂପ ସାକ୍ଷାତେ ସେହି ସୃଷ୍ଟିକରତା ।"   (ବାଟ ଅବାଟ)

ପିଲାଟି ପ୍ରଥମେ କିଶୋର ପରେ ଯୌବନ ଅବସ୍ଥାରେ ପଦାର୍ପଣ କରେ । ଯୌବନ ଅବସ୍ଥାରେ ତାର ସାଂସାରିକ ସ୍ତରରେ ପ୍ରବେଶ ହୁଏ । ଉପଯୁକ୍ତ କର୍ମ ସଂସ୍ଥାନର ସନ୍ଧାନ କରି କାର୍ଯ୍ୟକ୍ଷେତ୍ରରେ ଯୋଗ ଦେଇଥାଏ । ବୈବାହିକ ଜୀବନର ଆରମ୍ଭ ହୁଏ ।

ଏହାପରେ ବର୍ତ୍ତମାନ ସମାଜରେ ଦେଖା ଦେଇଥିବା ଦୂରାରୋଗ୍ୟ ବ୍ୟାଧିର ମୂଳଦୁଆ ପଡିଥାଏ । ନିଜର କାର୍ଯ୍ୟବ୍ୟସ୍ତତା ହେତୁ ସେ ପିତା-ମାତାଙ୍କୁ ସମୟ ଦେଇପାରେ ନାହିଁ । କ୍ରମଶଃ ବୃଦ୍ଧ ପିତା-ମାତା ମାନେ ଅବହେଳିତ ହୁଅନ୍ତି । କେତେକ କ୍ଷେତ୍ରରେ ଉଭୟ ଶାରୀରିକ ଏବଂ ମାନସିକ ଅତ୍ୟାଚାରର ଶିକାର ହୁଅନ୍ତି ।ବେଳେବେଳେ ବୃଦ୍ଧାଶ୍ରମ ସେମାନଙ୍କ ପାଇଁ ଶେଷ ଠିକଣା ପାଲଟି ଯାଏ । ପିତାମାତା, ପିଲାଟି ଛୋଟ ଥିବାବେଳେ  ତା'ର ଭବିଷ୍ୟତ ପାଇଁ ନିଜର ସର୍ବସ୍ୱ ତ୍ୟାଗ କରିବାକୁ ପଛାନ୍ତି ନାହିଁ କିନ୍ତୁ ପରବର୍ତ୍ତୀ ସମୟରେ ଯେତେବେଳେ ପିଲାଟି ତାର ସର୍ବସ୍ୱ ହାସଲ କରେ ବୃଦ୍ଧ ପିତା-ମାତା ତା ପାଇଁ ଅଲୋଡା ହୋଇ ପଡନ୍ତି । ମାନସିକ ଦୁଶ୍ଚିନ୍ତା,ରୋଗ-ଶୋକ ଏବଂ ସନ୍ତାନ ବିଚ୍ଛେଦ ଦୁଃଖରେ ତାଙ୍କ ପ୍ରାଣ ଛଟପଟ ହେଉଥାଏ  । ଏହା ସତ୍ତ୍ୱେ ମଧ୍ୟ ସେମାନେ ନିଜର ସନ୍ତାନ ମାନଙ୍କର ଶୁଭମନାସି ଥାଆନ୍ତି । ପରିଶେଷରେ ଏକ ଅଶାନ୍ତ ପ୍ରାଣର ଅବସାନ ଘଟେ ।

ଏହା ପରର ଘଟଣା ଅତ୍ୟନ୍ତ ହୃଦୟ ବିଦାରକ ଅଟେ । ଶ୍ରଦ୍ଧା ସହକାରେ ଜୀବିତାବସ୍ଥାରେ ପିତାମାତାଙ୍କର ତୃପ୍ତି ସାଧନ କରୁନଥିବା ସନ୍ତାନ ବହୁ ଆଡମ୍ବରରେ ଦଶାହ ଏବଂ ଏକଦଶାହ କାର୍ଯ୍ୟ କରିଥାଏ । ପରବର୍ତ୍ତୀ ସମୟରେ ଗଙ୍ଗା ଆଦି ବହୁ ତୀର୍ଥସ୍ଥାନ ଭ୍ରମଣ କରି ଅସ୍ଥି ବିସର୍ଜନ ଏବଂ ଶ୍ରାଦ୍ଧ-ତର୍ପଣ କରି ନିଜର ଦାୟିକତା ର ପରିଚୟ ଦେଇଥାଏ ।

ମନୁ ସଂହିତାରେ ସ୍ପଷ୍ଟଭାବେ ଉଲ୍ଲେଖ ଅଛି ଯେ-

"ପୁତ୍ର ପିଣ୍ଡ ପ୍ରୟୋଜନମ୍"

ବୃଦ୍ଧା ଅବସ୍ଥାରେ ପିତାମାତାଙ୍କର ପିଣ୍ଡ ଅର୍ଥାତ ଦେହ ଅଥର୍ବ ହୋଇଯାଏ । ସେମାନେ ବାଳକ ସଦୃଶ ହୋଇଯାଆନ୍ତି ।

ତେଣୁ କୁହାଯାଇଛି

"ବୃଦ୍ଧ ପିତାମାତା ବାଳକ ତୁମେ ତାଙ୍କରି ପିତା
ତାଙ୍କ ସୁଖ ପାଇଁ କେବଳ ତୁମେ କରିବ ଚିନ୍ତା"   (ବାଟ ଅବାଟ)

ତେଣୁ ତାଙ୍କ ପିଣ୍ଡର ଯତ୍ନନେବା ପାଇଁ ସନ୍ତାନର ଏକାନ୍ତ ପ୍ରୟୋଜନ ହୋଇଥାଏ । ମୃତ୍ୟୁ ପରର କଥା ସମସ୍ତଙ୍କୁ ଅଜ୍ଞେୟ ।ତେଣୁ ଜୀବିତ ଅବସ୍ଥାରେ ସେବା ନକରି ମୃତ୍ୟୁ ପରେ ତାଙ୍କୁ ଖାଇବାକୁ ପିଇବାକୁ ଦେବା ଅଜ୍ଞତା ମାତ୍ର ।

ଜ୍ଞାନ ମତରେ ବୃଦ୍ଧ ପିତା-ମାତାଙ୍କୁ ସାକ୍ଷାତ୍ ଦେବତା ଭାବି ସେବା-ଶୁଶ୍ରୁଷା ଦ୍ଵାରା ସନ୍ତୁଷ୍ଟ ରଖିବାକୁ ପ୍ରକୃତରେ ଶ୍ରାଦ୍ଧ-ତର୍ପଣ ବୋଲାଯାଏ । ଏହା ଦ୍ଵାରା ସନ୍ତାନର ଜନ୍ମ ଧନ୍ୟ ହୁଏ ।

"ବୃଦ୍ଧ ପିତାମାତା ଆଶିଷ ଯେ କରଇ ଗ୍ରହଣ
ନିଶ୍ଚୟ ସଂସାରେ ଜୀବନ ତାର ହୁଅଇ ଧନ୍ୟ"  (ବାଟ ଅବାଟ)

ଯେଉଁ ଜନକ,ଜନନୀ ମାନଙ୍କ ପାଇଁ ଆଜି ଆମର ବାସ୍ତବତା ସମ୍ଭବପର ହୋଇଛି, ସେମାନଙ୍କୁ କେବେ କୌଣସି ପ୍ରକାର କଷ୍ଟ ନହେଉ ଏହା ଈଶ୍ଵରଙ୍କ ନିକଟରେ ପାର୍ଥନା । ସେମାନଙ୍କ ମୁହଁରେ ସର୍ବଦା ହସ ଆଣିଦେବା ପାଇଁ ଆସନ୍ତୁ ସଭିଏଁ ମିଶି ଚେଷ୍ଟା କରିବା ।

**ଦେବୀ ପ୍ରସାଦ ସ୍ୱାଇଁ**
**ସମ୍ପାଦକ**

# ସୂଚୀପତ୍ର


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧. | ଶ୍ରୀ ଦୁର୍ଗା ସ୍ତୋତ୍ରମ୍ | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୧ |


## ପଦ୍ୟ ବିଭାଗ


| | | | |
|---|---|---|---|
| ୨. | ସପ୍ତଶଯ୍ୟା | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୧୩ |
| ୩. | ସ୍ମୃତି | କାଜଲ ସ୍ୱାଇଁ | ୧୫ |
| ୪. | ଝିଅଟିଏ ବୋଲି | ପ୍ରିୟଙ୍କା ସାହୁ | ୧୭ |
| ୫. | ଜାଗ୍ରତ ହୁଅ ହେ ଉତ୍କଳବାସୀ | ବିଶ୍ୱଜିତ ବରାଳ | ୧୮ |
| ୬. | ମମତାର ମଧୁ | ମଞ୍ଜୁଲତା ସିଂ | ୨୦ |
| ୭. | ଗୁହାରି ମୋ ରଖିବ ସାଆନ୍ତେ | ସୁରେସ ଚନ୍ଦ୍ର ରାଉତ | ୨୨ |
| ୮. | ବିରହୀନୀ ରାଧା | ସୌମ୍ୟ ରଞ୍ଜନ ସ୍ୱାଇଁ | ୨୪ |
| ୯. | ଅପରାହ୍ନ | ମଳୟ କୁମାର ସାମଲ | ୨୬ |
| ୧୦. | ଚିକି ମନର ଆଶା | ସ୍ୱୟଂପ୍ରଭା ବରାଳ | ୨୭ |
| ୧୧. | ଅମୃତ ଦାନ | ଦୁର୍ଯ୍ୟୋଧନ ବେହେରା | ୨୮ |
| ୧୨. | ଛୋଟ ପିଲାଥିଲି ଭଲଥିଲି | ରାଧାମୋହନ ମିଶ୍ର | ୩୦ |
| ୧୩. | ଆମର୍ ଜାତି କୁଶ୍-ଲି | ଆର୍ତ୍ତତ୍ରାଣ ଖୁର୍ଡିଆ | ୩୩ |
| ୧୪. | ବନ୍ଧୁ | ହୃଦୟାନନ୍ଦ ପଧାନ | ୩୫ |
| ୧୫. | ପୃଥିବୀ ପ୍ରତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୩୭ |

## ଗଦ୍ୟ ବିଭାଗ


| କ୍ର.ସଂ | ବିଷୟ | ଲେଖକ | ପୃଷ୍ଠା |
|---|---|---|---|
| ୧୬. | ପରିଣତି | ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ | ୪୨ |
| ୧୭. | ମଣି | ସନ୍ତୋଷ ସାଗର ମିଶ୍ର | ୪୬ |
| ୧୮. | ସ୍ୱପ୍ନ | କାଜଲ ସ୍ୱାଇଁ | ୪୯ |
| ୧୯. | ଅଶାନ୍ତ ରାତି | ମଳୟ କୁମାର ସାମଲ | ୫୨ |
| ୨୦. | ନିସଂଗ ନକ୍ଷତ୍ର | ପ୍ରିୟଙ୍କା ସାହୁ | ୫୬ |

# ଶ୍ରୀ ଦୁର୍ଗା ସ୍ତୋତ୍ରମ୍

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଜୟ ଈଶ୍ୱରୀ ପରମେଶ୍ୱରୀ
ସୁର ମାନବ ବନ୍ଦିତାମ୍ ॥
ଜୟ ଶଙ୍କରୀ ମଙ୍ଗଳଙ୍କରୀ
ନିଖିଳ ଅଭିନନ୍ଦିତାମ୍ ॥
ମନ୍ଦାରମାଳ କପାଳ ମାଳ
ଭାଲେ ସିନ୍ଦୁର ଚର୍ଚ୍ଚିତାମ୍ ॥
ଦୁର୍ଗେ ଦୁର୍ଗତୀ ହାରିଣୀ ମାତଃ
ବ୍ରହ୍ମା ମୁରାରି ଅର୍ଚ୍ଚିତାମ୍ ॥
ଖଡ୍‌ଗ ତ୍ରିଶୂଳ ଚକ୍ରଧାରିଣୀ
ସିଂହବାହିନୀ ଲୋହିତାମ୍ ॥
ମହିଷ ଦର୍ପ ହାରିଣୀ ଦେବୀ
ମହେଶ ମନ ମୋହିତାମ୍ ॥
ଦଗ୍‌ଧ ହାଟକ ବିଦ୍ୟୁ ଝଟକ
ମୁକୁଟ ପରି ଶୋଭିତାମ୍ ॥
ଦିବ୍ୟ ସୁନ୍ଦରୀ କନ୍ୟା କୁମାରୀ
ରକ୍ତ ବସନେ ଲୋଭିତାମ୍ ॥
ବିନ୍ଧ୍ୟ ବାସିନୀ ବିଘ୍ନ ନାଶିନୀ
ସକଳ ତୀର୍ଥେ ପୂଜିତାମ୍ ॥
କୁରୁ କୃପା ମା’ କରୁଣାମୟୀ
ଭକ୍ତ ମାନସ ରଞ୍ଜିତାମ୍ ॥

ଜହ୍ନିତଇଳା, ଢେଙ୍କାନାଳ

# ପଦ୍ୟ ବିଭାଗ

# ସପ୍ତଶଯ୍ୟା

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

(ସପ୍ତଶଯ୍ୟା କାବ୍ୟ ରୁ ଉଦ୍ଧୃତ .....)

ସପ୍ତଶଯ୍ୟା ଗିରି ଅତି ମନୋରମ
ନୀଳ ଅଙ୍ଗ ଯା'ର ବିଶ୍ୱେ ଅନୁପମ  ।
ନିଖିଳ ଉତ୍କଳ ପୁଣ୍ୟ-ଗଉରବ
ସ୍ତୁପାକାରେ ଯହିଁ ତୁମ୍ବେ ନୀଳନଭ   ।।

ପୂର୍ବେ ଶୋହେ ଦୁର୍ଗ ବିଶୃତ ବିରାଟ
ଭାରତେ ଯା' ଯଶଃ ନିହିତ ନିରାଟ  ।
ମର୍ତ୍ତ୍ୟେ ଜ୍ୟୋତିଃପୁର- ସରିତ ସ୍ୱରୂପା
ଧ୍ରୁଏପଦ ଯା'ର ସୁରୂପା-ବିରୂପା  ।।

ବ୍ରାହ୍ମୀ -ମହାନଦୀ ବେନି ପାରୁଶରେ
ସିନ୍ଧୁଗାମୀ ଯହିଁ ଦକ୍ଷିଣ-ଉତ୍ତରେ  ।
ବାରୁଣୀ ସୀମାନ୍ତେ ବାହାବନ୍ଧମାଳ
ମଧ୍ୟେ ଶୋହେ ଗିରି ବିଖ୍ୟାତ ବିଶାଳ  ।।

କାଠଯୋଡି ତିରୁଁ ଆଠଗଡ ଯାଏ
ଯେତେ ଶୈଳଶୋହେ ଶୈଳାରଣ୍ୟପ୍ରାୟେ   I
ତହିଁ ମଧ୍ୟେ ଦିଶେ ଏ ଶଇଳ ଦୂରୁଁ
ଶୈଳମଧ୍ୟେ ଯଥା ଶୋହେ ଶୈଳଗୁରୁ   II

ପାଣ୍ଡବ-ହୃଦୟ-ପଦ୍ମ-ବିଳାସିନୀ-
ହୋମାନଳ-ସିନ୍ଧୁ-ଲବ୍ଧ କମଳିନୀ   I
ତେଜିରାଜସୁଖ ତେଜି ଲୋକଲଜ୍ଜା
ପତି ସଙ୍ଗେ ଏଥି କରିଥିଲେ ଶଯ୍ୟା   II

ବନବାସ କାଳେ ରହି ସାତଦିନ
ସ୍ନିଗ୍ଧ  ଶିଳାସନେ ସରାଗେ ଆସୀନ   I
ଛଦ୍ମବେଶେ ଏଥୁଁ ପଣ୍ଡୁସୁତଗଣ
ଯାତ୍ରା କରିଥିଲେ ବିରାଟ ଭୁବନ   II

ପାଦେ ଖରସ୍ରୋତା ବିଶ୍ରୁତା ସର୍ପିଣୀ
ଅଷ୍ଟଦୁର୍ଗ ବନପଥ ବିହାରିଣୀ   I
ସର୍ପେଶ୍ୱର ପାଦେ ତରଙ୍ଗ ମଧୁର
ମୌନଭାଙ୍ଗେ ଯା'ର କାନନ-ବଧୂର  II

**ଜହ୍ନିତଇଳା, ଢେଙ୍କାନାଳ**

# ସ୍ମୃତି

କାଜଲ ସ୍ୱାଇଁ

ସ୍ମୃତି ତୁମେ
ଚିର ଅପାସୋରା,
ହସ ଲୁହ ଭରା ମୋର ଅଭୁଲା ପସରା...

ସ୍ମୃତି ତୁମେ
ଲିଭି ଯାଇଥିବା  ପାଉଁଶ ତଳର ନିଆଁ,
ସବୁଜ ଶାଢୀରେ ହସି ଯାଉଥିବା
ନୀରୀମାଖି ମୋର ଗାଁ....

ସ୍ମୃତି ତୁମେ
ଦୂର ପାହାଡ କୋଳର
ରକ୍ତିମ ସୁରୁଜ ଟିଏ,
ଭାଙ୍ଗି ଯାଇଥିବା  ହୃଦୟ କୋଣରେ
ଆଶା ର ଆଲୋକ ଟିଏ....

ସ୍ମୃତି ତୁମେ
ନୀଳ ଆକାଶ ଛାତିରେ
ଖଣ୍ଡ ଖଣ୍ଡ କଳା ମେଘ,
ବିଧବା ନାରୀର ଲିଭି ଯାଇଥିବା
ସିନ୍ଦୁର ଟୋପା ର ଦାଗ....

ସ୍ମୃତି ତୁମେ
ମୋ ଗାଁ ନଈର
ନିଡର ନାଉରି ଟିଏ,
ନୀରିମାଖି ସେଇ କୁଆଁରୀ ମନର
ସ୍ୱପ୍ନିଳ ପୁରୁଷ ହାଏ ....

ସ୍ମୃତି ତୁମେ
କଣ୍ଟକିତ ସେଇ ପଳାସ ଫୁଲ ର
ନାଲି ଅଧର ରେ ଝରିଯାଅ,
ବେସୁରା ବସନ୍ତ ବୟସ ଛାତିରେ
ତୁମେ ପ୍ରେମର ସଂଗୀତ ଗାଅ ....

ସ୍ମୃତି ତୁମେ
ଆମ୍ବ ଗଛ ଡାଳେ
କୋଇଲି ର କୁହୁ ତାନ,
କେବେ ତୁମେ ପୁଣି ମିଳନ ଯେ ଆଣ
ଭାଙ୍ଗି ଦେଇ ସବୁ
ମୋ ପ୍ରିୟତମ ଅଭିମାନ ....

ସ୍ମୃତି ତୁମେ
ମୋ ମନ ଆକାଶ ର
ଟୋପା ଟୋପା ଜହ୍ନ ଟିଏ,
ମରୀଚିକା ମୋର ଜୀବନ ବୁକୁରେ
ଆଶାର ଆଲୋକ ଟିଏ
ତୁମ ପାଇଁ ମୋର ସବୁ ସ୍ୱପ୍ନ ଆଜି
ବାସ୍ତବତା ରୂପ ନିଏ ....
ସ୍ମୃତି ତୁମେ.......

ଡେଲାଙ୍ଗ,ପୁରୀ

# ଝିଅଟିଏ ବୋଲି

ପ୍ରିୟଙ୍କା ସାହୁ

ଝିଅଟିଏ ବୋଲି
ଝିଅଟିଏ ବୋଲି ତ ସର୍ବଂସହା ମୁଁ

ବକ୍ଷ ମୋ ପୃଥିବୀ ସମ,
ସ୍ନେହ ,ଶ୍ରଦ୍ଧା ,ଦୟା ,କ୍ଷମା ପରିପୂର୍ଣ୍ଣ
ହୃଦୟେ ଅସୀମ ପ୍ରେମ I

ପତ୍ନୀ ରୂପେ ପତନ ଉଦ୍ଧାରି ପାରେ
ପ୍ରେମ ର ପ୍ରତୀକ ସାଜି,
ପତି ଠାରୁ ସହେ ଲାଞ୍ଛନା ଭର୍ତ୍ସନା
ନୀରବେ ଲୁହରେ ଭିଜି I

ନୁହେଁ ମୁଁ ଅବଳା କି ନୁହେଁ ଦୁର୍ବଳା

ପାଏ କେତେ ପ୍ରତାରଣା,
ପରିବାର ର ସମ୍ମାନ ରକ୍ଷା ପାଇଁ
ଦୁଃଖ କୁ କରେ ଆପଣା I

ନିରକ୍ଷର ହୋଇ ବି ସୁଶିକ୍ଷା ଦିଏ
ସାଜେ ଯେବେ ମୁଁ ଜନନୀ,
ଦୁଇ କୂଳ ହିତ ରେ ସାଜେ ଦୁହିତା
ସ୍ନେହ ପରଶି ଭଗିନୀ I

ସାହାନିଆଜ ପୁର , କଟକ

# ଜାଗ୍ରତ ହୁଅ ହେ ଉତ୍କଳବାସୀ

ବିଶ୍ୱଜିତ ବରାଳ

ହେ ମୋର ପ୍ରିୟ ଉତ୍କଳବାସୀ
ତୁମ୍ଭ ପୂର୍ବପୁରୁଷ ଥିଲେ ବଡ ସାହସୀ ।
ଦେଶର ମଙ୍ଗଳ ସାଧନା କରି
ଜୀବନକୁ ଦେଲେ ଉତ୍ସର୍ଗ କରି ।
କେତେ ଦୁଖ କେତେ କଷ୍ଟ ସହି
ଏ ଜୀବନକୁ ଦେଲେ ବାଜି ଲଗାଇ ।
ଏହି ମାଟିର ପୁଅ ଉତ୍କଳମଣି
ଦରିଦ୍ରର ଦୁଖରେ କାନ୍ଦୁଥିଲେ ପୁଣି ।
ଦରିଦ୍ରମାନଙ୍କ ସେବା କରିବା ପାଇଁ
ପୁତ୍ର ଜୀବନକୁ ଅନାଇଲେ ନାହିଁ ।
ଏହ ମାଟିର ପୁଅ ମଧୁସୁଧନ
ଓଡିଶା ମାଟିର ରଖିଥିଲେ ମାନ ।
ରାଜ୍ୟର ଉନ୍ନତି ସାଧନା କରି
ଓଡିଆ ମାଟିର ରଖିଥିଲେ ଶିରୀ ।
ଏହ ମାଟିର ପୁଅ ଫକୀରମୋହନ
ଓଡିଆ ଭାଷାର ପୁଣି ରଖିଥିଲେ ମାନ ।
ପଦ୍ୟ ଗଦ୍ୟ କେତେ ରଚନା କରି
ଓଡିଆ ଭାଷାକୁ ଦେଲେ ସ୍ୱତନ୍ତ୍ର କରି ।

ଏହି ମାଟିର ପୁଅ ବୀର ସୁରେନ୍ଦ୍ର ସାଏ
ଇଂରେଜ ସରକାରଙ୍କୁ ଯାହାର ନଥିଲା ଭୟ ।
ଗୋରା ସୈନିକ ସାଥେ ଲଢେଇ କରି
ନିଜ ଜୀବନକୁ ଦେଲେ ଉତ୍ସର୍ଗ କରି ।
ଏହ ମାଟିର ପୁଅ ସୁବାସ ବୋଷ
ଇଂରେଜ ମାନଙ୍କୁ ପୁଣି କରିଥିଲା ବେହୋସ ।
ଦିଲ୍ଲୀ ଚଲୋ ବୋଲି ଡାକରା ଦେଇ
ବୀର ସୈନିକମାନଙ୍କୁ ନେଇଥିଲେ ଆଗେଇ ।
ଭୁଲିଗଲ କି ସବୁକଥା ଓଡିଆଭାଇ
ତୁମ୍ଭଠାରେ ସେହି ପ୍ରତିଭା ଆଉ କାହିଁ ।
ଦୁନିଆକୁ ସବୁ ପ୍ରତିଭା ଦେଖାଇ
ଉତ୍କଳମାତାର ମାନ ଦିଅ ବଢାଇ ।
ଆସ ମିଶିକରି ଶପଥ ନେବା
ଉତ୍କଳମାତା କୁ କେବେ ଭୁଲି ନଯିବା ।
ଆସ ଭାଇମାନେ ପରିଶ୍ରମ କରି
ଉତ୍କଳମାତାର ପୁଣି ରଖିପାରିବା ଶିରୀ ।
ଆସ ଉତ୍କଳବାସି ଏକାଠି ହୋଇ
ଉତ୍କଳ ମାଟିର ଗୌରବ ଆଣିବା ଫେରାଇ ।

**ଢେଙ୍କାନାଳ**

# ମମତାର ମଧୁ

ମଞ୍ଜୁଲତା ସିଂ

ମଣିଷ ଜନମ ଅଟଇ ଦୁର୍ଲଭ
କୋଟିଏ ପୂଣ୍ୟର ଫଳ
ଈଶ୍ୱରଙ୍କ ବାଣୀ ମାନି ଚଳୁଥିଲେ
ଜୀବନ ହୁଏ ସଫଳ
ଦୁଃଖିର ଆଖିରୁ ଲୁହ ପୋଛିଦେଲେ
ଈଶ୍ୱର ହୁଅନ୍ତି ଖୁସି
ଗରିବକୁ କିଛି ଦାନ ଦେଲେ ପ୍ରଭୁ
ଦିଅନ୍ତି ଦି'ଗୁଣା ଯାଚି
ସବୁରି ହୃଦୟେ ପ୍ରଭୁ ବିରାଜିତ
ନ ମଣିବା କା'ରେ ଛୋଟ
କାହା ମନେ କେବେ ଦୁଃଖ ଦେଲେ ଆମେ
ଈଶ୍ୱର ପାଆନ୍ତି କଷ୍ଟ
ମଧୁର କଥାରେ ମନ କିଣି ହୁଏ
ଶତ୍ରୁ ହୁଏ ଆପଣାର
କଟୁ କଥା ବିଷ ଭରିଦିଏ ମନେ
ଆପଣା ହୁଅନ୍ତି ପର
ନିଃଶ୍ୱାସ କୁ ପରା ଭରଷା ପାଏନା
ଭାରି ଛୋଟ ଏ ଜୀବନ
କାହିଁକି ଏ ମନେ ଏତେ ଦମ୍ଭ ଗର୍ବ
ରାଗ ମାନ ଅଭିମାନ

ମମତା ବନ୍ଧନେ ବାନ୍ଧିଲେ ସଭିଙ୍କୁ
ବହେ ପ୍ରେମ ମନ୍ଦାକିନୀ
ହୃଦୟେ ହୃଦୟେ ଜଳେ ପ୍ରେମ ଜ୍ୟୋତି
ଶତ ଅନ୍ଧକାର ଜିଣି
ଟଙ୍କା ସୁନା ରୂପା ସରିତ ନୁହଁଇ
ସ୍ନେହ ମମତାର ପାଶେ
ଝାଉଁଳା ପ୍ରାଣରେ ଜୀବନ ହସଇ
ପ୍ରେମ ସଂଜୀବନୀ ସ୍ପର୍ଶେ
ଲୁହ ପୋଛି ହୁଏ ସଭିଙ୍କ ଆଖିରୁ
ଓଠେ ଥାଏ ଖାଲି ହସ
ଗଢ଼ି ହୁଏ ପରା ରାମରାଜ୍ୟ ଏଠି
ଗାନ୍ଧୀ ଗୋପବନ୍ଧୁ ଦେଶ..

ଭୁବନେଶ୍ୱର

# ଗୁହାରି ମୋ ରଖିବ ସାଆନ୍ତେ

ସୁରେସ ଚନ୍ଦ୍ର ରାଉତ

କର ପ୍ରସାରି ମୁଁ ମାଗେ ତୋ ଆଗେ
ଶୁଣିଚି ଦାତା ତୁମେ ଯୁଗେ ଯୁଗେ
ଫେରାଇ ଦିଅ ହେ ମୋତେ ମହାପ୍ରଭୁ
ନୟନରୁ ମୋର ଲୋତକ ଝରେ !!
କଅଁଳ ମନଟି ପାରେ ନାହିଁ ଭୁଲି
କେଣେ ଛାଡି ମୋ ମା' ଯାଇ ଅଛି ଚାଲି
ଅନେକ ଖୋଜୁଚି ମୋ ମନ ଅରଣ୍ୟେ
ଅନ୍ତରରେ କୋହ ଥୟ ନ ଧରେ !!
ଜଳ, ସ୍ଥଳ, ବନ ଆକାଶେ ଖୋଜିଲି
ପାଏ ନା ତା ଛବି ସବୁଠି ଦେଖିଲି
ଧରିବାକୁ ଯାଇ ହଜି ଯାଏ ମୁହିଁ
କସଣ ନ ଦିଅ ଭାରି ଥକା ଲାଗେ !!
ଦିନ ସରେ ନାହିଁ ଚାହିଁଚି ତା ପଥ
ଏକା ଲାଗେ ଭାରି ହେ ଜଗତନାଥ
ମାଗିନି ମୁଁ କିଛି ତୁମ ସିଂହଦ୍ୱାରେ
ନିବେଦନ କରେ ଦିଅହେ ମୋତେ !!
ଜଳ ବିନୁ ମିନ ପାରେ କି ରହି
ମା' ବିନା ସ୍ନେହଁ ପାଇବି କାହିଁ

ଉଦର ପୁରେନା          କିଛିବି ରୁଚେନା
ହତଭାଗା ଟିଏ ମୁଁ ତୁମ ସଂସାରେ !!
କାହା ପାଦ ତଳେ କରିବି ଗୁହାରି
ସବୁଠି ମୁଁ ଆଜି ଯାଇଅଛି ହାରି
ମମତା ନ ମିଳେ          ନିନ୍ଦାରେ ମୁଁ ଜଳେ
ସବୁ ସର୍ମପିଲି ତୋ ପାଦ ପଦ୍ମେ !!
ରଖିବ ଗୁହାରି ନିଳ ମାଧବ
ଆରତ ଜନଙ୍କ ପ୍ରାଣ ବାନ୍ଧବ
ମା'ର ପଣତ          ଦିଅ ଜଗନ୍ନାଥ
ଏତିକି ଆକୁଳ ଶୁଣିବାରେ !!

**କଟକ**

# ବିରହୀନୀ ରାଧା

ସୌମ୍ୟ ରଞ୍ଜନ ସ୍ୱାଇଁ

ଭିଜୁଛି ପଲକ ଆଜି ନୟନ ଝରରେ,
ଦର୍ଶନାଭିଳାସି ମୋର ବ୍ୟାକୁଳ ହୃଦୟ.
କେଉଁଠାରେ ତୁମେ ପ୍ରାଣପ୍ରିୟ ଆହେ,
ଲୋକଲଜ୍ୟା ଭୟ ହେଲାଣି ଅସହ୍ୟ.

ଶୁଭୁନାହିଁ ବୋଲି ତୁମ ବଂଶୀ ସ୍ୱର ଆଉ,
ବିରହର ଅଗ୍ନୀ ହୃଦେ ଜଳେ ଦାଉ ଦାଉ.
ଶେଷ ଇଛା ଖାଲି ଥରେ ଦେଖିବି ତୁମକୁ,
ଉଡିବା ଆଗରୁ ପ୍ରିୟ ମୋର ପ୍ରାଣବାୟୁ.

କଦମ୍ବରୁ ବାସ ହେଲାଣି ଯେ ଶେଷ,
ମରୁଭୂମି ସମ ଆଜି ଲାଗେ କୁଞ୍ଜବନ.
କାନ୍ଦୁଛି ଯମୁନା ଦେଖ ତୁମରି ବିହୁନେ,
କାନ୍ଦେ ରାହା ଧରି ମୋ ଅବୁଝା ମନ.

ଚୋରି କରି ନେଲ ମୋ ଆଖିରୁ ନିଦ,
ଦେଇଗଲ ପୁଣି ହଜାରେ ସପନ.
କଟୁଛି ମୋ ଦିନ ପ୍ରିୟ ତୁମ ପ୍ରତିକ୍ଷାରେ,
ଜୀବନ ମରଣ ମଝିରେ ଜୀବନ.

ବଞ୍ଚିବାକୁ ଆଉ ତିଳେ ନାହିଁ ଇଛା,
ମରିପାରିବିନି ହୃଦେ ତୁମ ପ୍ରେମ ନେଇ.
ତୁମ ପ୍ରେମ ପୂଜା ମୁଁ ଯେ ପୂଜାରିଣୀ,
ପୁଜିବି ତୁମକୁ ପ୍ରୀତି ଜଳାଞ୍ଜଳୀ ଦେଇ.

ବରୀ, ଯାଜପୁର

# ଅପରାହ୍ନ

ମଳୟ କୁମାର ସାମଲ

ରକ୍ତିମ ଅପରାହ୍ନ ସହ ବିରହ ବେଦନା,
ଦୂର ଦିଗବଳୟର ତିରସ୍କାର ମୋ ପାଇଁ ରକ୍ତଛିଟା,
ଅଶାନ୍ତ ବୁକୁରେ ମୋର ମୁଠାଏ ସ୍ୱପ୍ନ,
ଅଧାଗଢା ସମ୍ପର୍କରେ ଖୋଜେ ଅନେକ ପ୍ରଶ୍ନ !

ବିଚ୍ଛେଦର ତପ୍ତରେ ତପ୍ତ ହୁଏ ମରୁବାଲି,
ପରିତ୍ୟକ୍ତ ହୃଦୟ ସହ ଶାଣିତ ସ୍ମୃତି,
ଅଶ୍ରୁଧାର ମୋର ପ୍ରାଣବ୍ଲହବୀ,
ତଥାପି ଭଲଲାଗେ .....ଏ ଜୀବନ ଯନ୍ତ୍ରଣା !!

ଅନୁଗୋଳ

# ଟିକି ମନର ଆଶା

ସ୍ୱୟଂପ୍ରଭା ବରାଳ

ହେବମନ ଏକ ତପୋବନ

ଯେବେ ପ୍ରୀତିର ସୁମନ ଫୁଟିବ ।

ଯେବେ ଶ୍ରଦ୍ଧାର ସୌରଭ ଛୁଟିବ

ତମସା ଯିବ ଦୂରେଇ ସୂରୁଜ କିରଣ ପଡିବ ।

କଳା କଳିମା ଯିବ ଦୂରେଇ ନିଶ୍ଚୟ ସିନ୍ଦୁରା ଫାଟିବ

ଈର୍ଷା ,ଦ୍ୱେଷ ନେବ ବିଦାୟ,

ଆଉ ପ୍ରେମର ଉଦୟ ହୋଇବ ।

ସ୍ନେହର ସଂଗୀତ ବାଜିବ,

ଆଉ ଶାନ୍ତିର କପୋତ ଉଡିବ,

ବୀଣାର ସ୍ୱର ହେବ ମୈତ୍ରୀର ସ୍ୱର,

ଏକତାର ଗୀତି ଶୁଭିବ ,ସମୃଦ୍ଧିର ବାଟ ଫିଟିବ ।

ଅନୁଗୋଳ

# ଅମୃତ ଦାନ

ଦୁର୍ଯ୍ୟୋଧନ  ବେହେରା

ଜଳିଜଳି ଯାଏ ପ୍ରଦୀପ ଦେଇ ଆଲୋକ ତା'ର

ଉଜ୍ଜ୍ୱଳ ଆଲୋକେ ହସାଏ ସେତ ସାରା ସଂସାର

ସେହି ଜଳିଲା ଶକ୍ତି,

ତା ଦେହେ ଭରିଛ ତୁମେ ତ ପ୍ରଭୁ ମଙ୍ଗଳମୂର୍ତ୍ତି  I

ଝରିଝରି ଯାଏ ଝରଣା ଲଙ୍ଘି ପର୍ବତ ବନ

ଜଳ ଦେଇ ତୃପ୍ତ କରାଏ ସବୁ ପ୍ରାଣୀଙ୍କ ମନ

ସେହି ପରୋପକାର,

ତା ଦେହେ ଭରିଛ ତୁମେ ତ ପ୍ରଭୁ ପରମେଶ୍ୱର  I

ସହି ସହି ଖରା ବରଷା ଅବା ଶୀତ କାକର

ବୃକ୍ଷ ଦାନ କରେ ଅମୂଲ୍ୟ ଫୁଲ ,ଫଳ, ପତର

ସେହି ଅମୃତ ଦାନ,

ସବୁତ ତୁମରି ସର୍ଜନା ପ୍ରଭୁ ବିଶ୍ୱମୋହନ  I

ବାଣ୍ଟି ବାଣ୍ଟି ମଧୁ ମହକ ଫୁଲ ଜଗତେ ଧନ୍ୟ

ଅତୁଳନୀୟ ତା' ସୁଷମା ହରେ ନୟନ ମନ

ଜଗତେ ଅନୁପମ,

କେତେ ରଙ୍ଗଦେଇ ତା' ଦେହ ପ୍ରଭୁଙ୍କ କଲ ଗଠନ I

ସରି ସରି ଯାଉ ଆୟୁଷ ପ୍ରଭୁ ତୁମ ସେବାରେ

ବିତିଯାଉ ମୋର ଜୀବନ ତୁମ ପୂଜା ବ୍ରତରେ

ତୁମ ଦିବ୍ୟ ପ୍ରେରଣା,

ଅନ୍ତରରେ ଭରୁ ଆନନ୍ଦ ନାଶି ଭବ ଯାତନା I

ଶିକ୍ଷକ ,ଗୁରିଲୋ ସରକାରୀ ଉ.ପ୍ରା ବିଦ୍ୟାଳୟ
ହିନ୍ଦୋଳ ,ଢେଙ୍କାନାଳ

# ଛୋଟ ପିଲାଥିଲି ଭଲଥିଲି

ରାଧାମୋହନ ମିଶ୍ର

ଛୋଟ ପିଲାଥିଲି ଭଲଥିଲି,

ଭୋକ ଟିକେ ହେଲେ କାନ୍ଦୁଥିଲି

ଝୁଣ୍ଟିପଡି ଉଠି ଚାଲୁଥିଲି

କୁତୁକୁତୁ କଲେ ହସୁଥିଲି

ବୋଉ ନଉଥିଲା କୋଳେଇ କାଖେଇ

ସବୁକଥା ଭୁଲି ଯାଉଥିଲି

କାହିଁ କହ ବଡ ହୋଇଗଲି ।

ଜେଜେ  କହୁଥିଲେ କେତେ ଗପ

କେତେ ପୂଣ୍ୟ ପୁଣି କେତେ ପାପ

ମିଛୁଆ ରାଧୁଆ ଗପ ଶୁଣି

ଦୁଇ ବିରାଡିଙ୍କ କଳି ପୁଣି

କିଛି ବୁଝି କିଛି ନବୁଝି ମୁଁ ପୁଣି

ନୂଆ ଗପ ପାଇଁ କାନ୍ଦୁଥିଲି

କାହିଁକି ସେଦିନ ଗଲାଚାଲି ।

ପାହୁଣ୍ଡ ପକେଇ ନୂଆ ନୂଆ

ଛୋଟ ଲାଗୁଥିଲା ଏ ଦୁନିଆଁ

ବାପା ମାଆଙ୍କର ଆକଟିଆ

କୁଆଡେ ଯାଆନା ଏକୁଟିଆ

ଦଉଡି ଦଉଡି ଜେଜେ ମା କୋଳେ

ମୁହଁ ଲୁଚାଇ ମୁଁ ହସୁଥିଲି

କାହିଁକି କହ ମୁଁ ବଡ ହେଲି ।

ବଡ ହୋଇ ସବୁ ଭୁଲିଗଲି

ହସିବା କାନ୍ଦିବା ବୁଝିଗଲି

ଭଲ ମନ୍ଦ ସବୁ ଶିଖିଗଲି

ନୂଆ ନୂଆ ସବୁ ଦେଖୁଥିଲି

ଜହ୍ନ,ତାରା ଆଉ ବିରାଡି ଦେଖି ମୁଁ

ଖିଲି ଖିଲି ହୋଇ ହସୁଥିଲି

କାହିଁକି କହ ମୁଁ ବଡ ହେଲି ।

ଚାହାଳି ଗଲି ମୁଁ ଚାଲି ଚାଲି

କେତେ ନୂଆ ସାଙ୍ଗ ସେବେ କଲି

ରାମା ଦାମା ଚେମି କେତେ ସାଙ୍ଗ

କିଏ କଳା କିଏ ଗୋରା ରଙ୍ଗ

କିଏ ପେଟୁ କିଏ ଶିଙ୍ଘାଣି ନାକିଆ

ସବୁ କଥା ଘରେ କହୁଥିଲି

କାହିଁକି କହ ମୁଁ ବଡ ହେଲି ।

ଯେବେ ହୋଇଗଲି ଟିକେ ବଡ

ଲାଗୁଥିଲା ସବୁ ଗଡବଡ

କହିବାକୁ କେତେ କଥା ମନା

ପାଠ ପଢି ବଡହେବା ପାଇଁ ଦିନେ

ମନେ ମନେ କେତେ ଭାବୁଥିଲି

କାହିଁକି କହ ମୁଁ ବଡ ହେଲି ।

ଦେଖୁଛି ଶୁଣୁଛି ବୁଝୁଛି ମୁଁ

କହିବାକୁ ସତ ନାହିଁ ମୋ କୁ

ସବୁ ସତ ଏଠି ତାହା ମିଛ

ସବୁ କଥାରେ ତ ଥାଏ ପେଞ୍ଚ

ସବୁଠୁ ଭଲ ମୁଁ ଛୋଟ ଥିଲି

କାହିଁକି କହ ମୁଁ ବଡ ହେଲି ।

ରଣପଶି,ଢେଙ୍କାନାଳ

# ଆମର୍ ଜାତି କୁଶ୍-ଲି

ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ

ବାସି ପଖାଳେ ବରି ,ଚେଁଡ୍-ଲି
କେଭେ ନାଇଁ ହୁଏ ଭୁଲି
ଆମର୍ ଜାତି କୁଶ୍-ଲି   II
ଲେଁମୁ ସାଂଗ୍ ରେ ମିର୍-ଚା,ଉଲି
ମନୁ ନାଇଁ ହୁଏ ଭୁଲି
ଆମର୍ ଜାତି କୁଶ୍-ଲି   II
ପୁଡା ବାଏଗନ୍ ସାଂଗେ ପତାଲି
ଭାତ୍ ଯାଏସି ସର୍-ଲି
ଆମର୍ ଜାତି କୁଶ୍-ଲି   II
ବାସି ପେଜର୍ ସାଂଗେ ଲଁଙ୍କା ଗୁଁଡ୍
ପେଟ୍ ଯାଏସି ପୁର୍-ଲି
ଆମର୍ ଜାତି କୁଶ୍-ଲି   II
ଗରମ୍ ପଖାଳେ ଆମ୍ ଚଟ୍-ନି
ବଡ୍ ଶର୍-ଧା ବୋଲି
ଆମର୍ ଜାତି କୁଶ୍-ଲି   II

ବାରିର୍ ଶାଗ୍ ଆରୁ ଲେଥା ତୁନ୍

କଁସାକେ ନେସି ସଁଖ୍-ଲି

ଆମର୍ ଜାତି କୁଶ୍-ଲି ।।

କର୍-ଡି ,ହେଡୁଁଆ ,ଶୁଖା ଝୁରି

ମହକାଇ ଦେସି ଖୁଲି

ଆମର୍ ଜାତି କୁଶ୍-ଲି ।।

ଫୁସ୍-ପୁନିର୍ ଇ ପିଠା ,ମଡା

ଘର୍-କେ ଦେସି ହଂଦାଲି

ଆମର୍ ଜାତି କୁଶ୍-ଲି ।।

କେଁଉଟ୍ ଘରର୍ ଭଜା ମୁକ୍-ଫଲି

ରକତ ଯାଏସି ପାଁଆଁଲି

ଆମର୍ ଜାତି କୁଶ୍-ଲି ।।

ଆମର୍ ପରବ୍  ମାଟିର୍ ଗରବ୍

କେଭେ ନାଇଁ ହୁଏତ ଭୁଲି

ଆମର୍ ଜାତି କୁଶ୍-ଲି ।।

ଆମର୍ ଜାତି କୁଶ୍-ଲି ।।

ବୀର ମହାରାଜାପୁର, ସୁବର୍ଣ୍ଣପୁର

# ବନ୍ଧୁ

ହୃଦୟାନନ୍ଦ ପଧାନ

ବନ୍ଧୁ ତୁମେ ଜୀବନର ଶେଷରକ୍ତ ବିନ୍ଦୁ,

ନୀଳ ଅମ୍ବରର ସତେକି ପୂର୍ଣ୍ଣିମା ଇନ୍ଦୁ ।

ତୁମେ ଟାଣି ଟାଣି ଆଣ ଅନ୍ଧାରୁ ଆଲୋକ,

କହିଥାଅ ପୁଣିଏଟା କଳଙ୍କିତ ପଥ ।

ସକଳ ଦିଗ ଦର୍ଶକ ଆହେ ଦିବାକର,

ଜ୍ୟୋସ୍ନାରେ ନଥାଏ ତୁମ କପଟର ଧାର ।

ମଧୁର ବାର୍ତ୍ତାର ଦୂତ ନୁହେଁ ବାବଦୁକ,

କୋକିଳ କଣ୍ଠରୁ ଝରେ ଖାଲି ସୁଧାମୃତ ।

ହୃଦୟ କୋଠରି ପୂର୍ଣ୍ଣ ସ୍ନେହ ମମତାରେ ,

ଆକର୍ଷଣ କର ବନ୍ଧୁ ସୁଷମା କଥାରେ ।

ଦୁଃଖ ବିତରଣ ପାଇଁ ନ ଚାହଁ ଜୀବନେ

ଜନ ମନ ତୋଷି ଥାଅ ସୁଖଦ୍ୱର ଧନେ ।

ବିପଦର ବନ୍ଧୁ ତୁମେ ଅଟ କୃପାସିନ୍ଧୁ

ପ୍ରତିରକ୍ତ ବିନ୍ଦୁ ଗଢେ ନୂଆ ନୂଆ ବନ୍ଧୁ  I

ଏଭଳି ବି ବନ୍ଧୁ ଏହି ସଂସାରେ ଅଛନ୍ତି

ଦୁଃଖେ କାନ୍ଦୁଥିଲେ ନେଇ ସାଗରେ ଗଡାନ୍ତି  I

ଧନ ସମ୍ପତି କିଣ ଆମ୍ବ ବଡିମା ବଳେ ,

ବନ୍ଧୁତ୍ୱର ସ୍ନେହ ମୂଲ୍ୟ ନମିଳେ କୌଶଳେ  I

ବନ୍ଧୁହୀନ ଜୀବନ ଯେ ଅହେଳିକା ମରୁଭୂଇଁ

ରବିହିନ ଧରିତ୍ରୀରେ କିବା ଦିବା ଶର୍ବରୀ ଜାଣଇଁ  I

ଅମରପାଲି, ସୁବର୍ଣ୍ଣପୁର

# ପୃଥିବୀ ପ୍ରତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ସେନେହ-ମମତାମୟୀ ତୁହି ମା' ଧରଣୀ
ଧରିଛୁ କୋଳରେ ମୋତେ ଆନନ୍ଦେ ଜନନୀ ।
ସ୍ଥାବର-ଜଙ୍ଗମ-କୀଟ –ପତଙ୍ଗମମାନ
ସକଳେ ଅଟନ୍ତି ମାତା ତୋହରି ସନ୍ତାନ ॥

ସକଳ ଜୀବଙ୍କୁ ଦେଇ ଖାଦ୍ୟ-ଜଳ-ବାସ
ପାଳୁ ତୁ କରୁଣାମୟୀ ନକରି ନିରାଶ ।
ସକଳ ଭାର ତୁ ଯେଣୁ ବହିଛୁ ବିଶ୍ୱର
ସର୍ବସଂହା-ବସୁନ୍ଧରା ନାମଟି ତୋହର ॥

ଶ୍ୟାମଳ ଗିରି-କାନନ-ସୁନୀଳ ବସନ
ତୋ ମୃଦୁଳ ଅଙ୍ଗେ ଆହା ଦିଶେ କି ଶୋଭନ ।
ଚାରୁ ରତ୍ନହାର ସମ ତଟିନୀ ବକ୍ଷରେ
ନବ ଦୁର୍ବାଦଳ ତନୁ ଜନ-ମନ ହରେ ॥

ରତ୍ନମୟ ଚନ୍ଦ୍ରାତପ ପରାୟେ ତୋ ଶିରେ
ଶୋହେ ତାରକିତ ନଭଃ ତମିସ୍ରା ନିଶିରେ  I
ଦିବାରାତ୍ରି ଶୁଭ୍ରାଲୋକ ଢାଳଇ ଆକାଶ
ଧୁଅନ୍ତି ଜଳଦମାଳା ନୀଳ ଅଙ୍ଗବାସ   II

ପୟୋନିଧି ପ୍ରକ୍ଷାଳଇ ତୋ ଚାରୁ ଚରଣ
ମୃଦୁ ସମୀରଣ ସଦା ଚଳାଏ ବ୍ୟଜନ   I
ନାନା ଫୁଲ ଫଳ କରେ ଘେନି ଉପହାର
ପୂଜନ୍ତି ପ୍ରକୃତି ଦେବୀ ଚରଣ ଯାହାର   II

ଅନନ୍ତ ଅସୀମ ତୋର ସୁବିଶାଳ ଗର୍ଭେ
ହେଉଛନ୍ତି ଆତ ଜାତ ଜୀବଜନ୍ତୁ ସର୍ବେ  I
ତୋ ବିନା ସମ୍ଭବ କାହିଁ ଜୀବ ଚରାଚର
ପ୍ରତକ୍ଷେ ଜନନୀ ତୁହି ନିଖିଳ ବିଶ୍ୱର   II

ଦଗ୍ଧ ଧାରା ପ୍ରାୟେ ମାତା ତୋହରି ବକ୍ଷରୁ

ଝରଇ ଶୀତଳ ଜଳ ପର୍ବତ ଗହ୍ୱରୁ  ।

ସୁଧା ସମ ସୁମଧୁର ପକ୍ୱ ଫଳ ମାନ

ଭୁଞ୍ଜନ୍ତି ଆନନ୍ଦେ ତୋର କ୍ଷୁଧାର୍ତ୍ତ ସନ୍ତାନ II

ପକ୍ୱ ଶସ୍ୟକ୍ଷେତ୍ରମାନ ତୋହରି ବକ୍ଷରେ

ଆନନ୍ଦେ କୃଷକଗଣ ମନ-ପ୍ରାଣ ହରେ  ।

ନାନା ରତ୍ନର ଆକର ତୁହି ରତ୍ନଗର୍ଭା

ରୁଚିର ବୈଚିତ୍ରମୟୀ ହିରଣ୍ମୟ ପ୍ରଭା  II

ଷଡରସର ଜନନୀ ଅଟୁଁ ତୁ ଆଧାର

ରସା ନାମ ଦେଲେ ବୁଧେ ନାମଟି ତୋ ସାର ।

ମଧୁର କଷାୟ ତିକ୍ତ କଟୁ ଅମ୍ଳ କ୍ଷାର

ବୀଜ ଗୁଣେ ଦେଉଛୁ ସ୍ୱାଦୁ ଯେ ଯାହାର II

ବିସ୍ତୀର୍ଣ୍ଣ ବାଲୁକା ରାଶି କାହିଁ ତୋ ଭରସେ
କାହିଁ ନୀଳ ଜଳରାଶି ଦିଗନ୍ତ ପରଶେ ।
ଧବଳ ସୌଧମାଳିନୀ-ଦୁର୍ଗ ପଲ୍ଲୀପୁର
ସୁବିଶାଳ ଶୈଳରାଜି କାନନ ସଂକୁଳ ।।

ସୁଶୀତଳ  ଛାୟାବନ ସହକାର ବନ-
ଶୁଭୁଥାଏ ସୁମଧୁର ବିହଙ୍ଗ କୁଜନ ।
ଅସଂଖ୍ୟ ତଟିନୀ ହ୍ରଦ ସାଗର ତୋ ବକ୍ଷେ
ଚାରୁ ଚିତ୍ରଶାଳା ପ୍ରାୟେ ଦିଶୁ ତୁ ପ୍ରତକ୍ଷେ ।।

ପୂର୍ବ ଭାଗ୍ୟ ବଳୁଁ ଲଭି ତୋ କୋଳେ ଜନମ
ଦେଖିଲି ଜନନୀ ତୋର ରୂପ-ମନୋରମ ।
ଦୟାବହି ଦୟାମୟୀ ଦିଅ ଆଶୀର୍ବାଦ
ତୋ କୋଳରେ ରଖିଯିବି ଯଶଃ-ଧନ୍ୟବାଦ ।।

**ଜହ୍ନିତଇଳା, ଢେଙ୍କାନାଳ**

# ଗଦ୍ୟ ବିଭାଗ

# ପରିଣତି

ଲଳିତ କବି ଧ୍ରୁବ ଚରଣ ସ୍ୱାଇଁ

ଦେବଦୁର୍ଲଭ ମାନବ ଜନ୍ମ I ବହୁ ଜନ୍ମ ପରେ ଜୀବ ସଂସ୍କାରିତ ହୋଇ ଧରାପୃଷ୍ଠରେ ମାନବ ଜନ୍ମ ଲାଭକରେ I ଏହା ଈଶ୍ୱରଙ୍କର ନିକଟବର୍ତ୍ତୀ ଜନ୍ମ I କାରଣ ବୁଦ୍ଧି,ବିବେକ,ହେତୁ-ଚେତା ଦେଇ ନିଜକୁ ଜାଣିବା ପାଇଁ ଇଶ୍ୱର ଶ୍ରଦ୍ଧାର ସହିତ ମାନବ ଶରୀରକୁ ସୃଷ୍ଟି କରିଛନ୍ତି I ମାତ୍ର ଏହି ଶରୀରର କି ଭୟାବହ ପରିଣତି ତାହା ଚିନ୍ତା କଲେ ମନରେ ସ୍ୱତଃ ବିଶାଦ ଓ ବିସ୍ମୟ ଜାତ ହୋଇଥାଏ I

ଶୁଭକ୍ଷଣରେ ମାତୃଗର୍ଭରୁ ମାନବ ଶିଶୁ ଟିଏ ଜନ୍ମ ଲାଭକରେ I ସାହି-ପଡିଶା ସ୍ତ୍ରୀ ଲୋକମାନେ ଦେଖିବା ପାଇଁ ଦୌଡି ଆସନ୍ତି I ସମସ୍ତଙ୍କ ମନରେ ଅପୂର୍ବ ଆନନ୍ଦ I ସନ୍ତାନ ପ୍ରସବା ନାରୀକୁ ଗୌରବିଣୀ ଆଖ୍ୟା ଦିଆଯାଇଛି I ସୁତରାଂ ସନ୍ତାନସହ ଜନନୀକୁ ସମସ୍ତେ ସ୍ନେହ-ସମାଦର କରନ୍ତି I ଏକବିଂଶ ଦିନ ଶୁଚି-ଶୌଚ କରାଇ ସନ୍ତାନର ଜାତକର୍ମ ତଥା ନାମକରଣ ହୁଏ I ଅନାମବ୍ରହ୍ମରୁ ଆସିଥିବା ନୂତନ ଶିଶୁକୁ ତାର ପରିଚୟ ପାଇଁ ନାମଟିଏ ଦିଆଯାଏ I କ୍ରମେ ଶିଶୁଟି ବଢେ I ଦରୋଟି ଭାଷାକହି ସମସ୍ତଙ୍କୁ ଆନନ୍ଦ ଦିଏ I ତା'ର ପର-ଆପଣା,ଜାତି-ଅଜାତି,ଗର୍ବ-ଦମ୍ଭ-ଅହଙ୍କାର କିଛି ନଥାଏ I ପାଞ୍ଚ ଛଅ ବର୍ଷବେଳେ ଶିଶୁକୁ ସୁନ୍ଦର ସୁନ୍ଦର ପୋଷାକ ପିନ୍ଧାଇ ପାଠ ପଢିବା ପାଇ ବିଦ୍ୟାଳୟକୁ ପଠାଯାଏ I ସହପାଠୀ ମେଳେ ଶିଶୁଟି ଖେଳିବୁଲି କି ସୁନ୍ଦର ଦେଖାଯାଏ---

"ସୁକୋମଳ ବାଳକ ବାଳିକା

ପିନ୍ଧି କାଛ ସଯତନେ ଖେଳନ୍ତି ଆନନ୍ଦ ମନେ

ଧରଣୀ ର ଗଳେ ଯେହ୍ନେ କୁସୁମ ମାଳିକା

ସରୋବର ଜଳେ ଅବା କମଳ –କଳିକା II (ସ୍ୱକୃତ)

ଏହାପରେ ବୟଃପ୍ରାପ୍ତ ହୋଇ ଶିଶୁଟି ଉଚ୍ଚଶିକ୍ଷା ଲାଭ କରେ କ୍ରମେ ଯୌବନ ସମୟ ଶରୀରରେ ପଦାର୍ପଣ କରେ I ଏହି ସମୟରେ ବିଦ୍ୟା,ବୁଦ୍ଧି ,ଧର୍ମ,ଧନ-ଜନ ସବୁକିଛି ଲାଭ ହେବାର ଦେଖାଯାଏ I ଅନେକ ଭଲ ମନ୍ଦ ଗୁଣର ବିକାଶ ଘଟେ I

ଏହା ପରେ ତୃତୀୟ ପର୍ଯ୍ୟାୟ ଆରମ୍ଭ ହୁଏ ମାନ-ସମ୍ମାନ ଲାଭ ପାଇଁ ବହୁ ସ୍ଥାନରୁ ନିମନ୍ତ୍ରଣ ଆସେ ଉପାଧି ମିଳେ ,ମାନପତ୍ର ମିଳେ I ଯଶ-କୀର୍ତ୍ତି ସୁଦୂର ପ୍ରସାରୀ ହୁଏ I ଦୁର୍ଲଭ ମାନବ ଜନ୍ମର ଯଥାର୍ଥତା ଉପଲବ୍ଧି ହୋଇଥାଏ I

ଚତୃଥ ଅବସ୍ଥା ପ୍ରବେଶରେ ମାନବ ଶରୀର ଶ୍ଳଥଚର୍ମ ହୋଇଯାଏ I ହସ୍ତ ,ପଦଗ୍ରନ୍ଥି ସ୍ଥଳ ମାନଙ୍କରେ ବେଦନା ଜାତ ହୁଏ I ଖାଦ୍ୟର ରୁଚି ବଦଳି ଯାଏ I ଲାଳସା ଯୁକ୍ତ ଖାଦ୍ୟ ପ୍ରତି ଆଗ୍ରହ ଜନ୍ମେ I ଟିକିଏ କଥାରେ ମନରେ ବିରକ୍ତି ଆସେ I ତେଣୁ ପରିବାର ବର୍ଗ ସମୟେ ସମୟେ ବିରକ୍ତି ହୋଇଥାନ୍ତି I

ଜଗଦଗୁରୁ ଶଙ୍କରାଚାର୍ଯ୍ୟ କହିଛନ୍ତି -

ଯାବଦ୍ ବିତ୍ତ ଉପାର୍ଜନ ସକ୍ତଃ

ତାବନ୍ନିଜ ପରିବାର ରକ୍ତଃ

ତଦନୁଚ ଜରୟା ଜର୍ଜର ଦେହେ

ବାର୍ତ୍ତା  କୋଽପିନ ପୁଚ୍ଛତି ଗେହେ  II

କ୍ରମେ ଶରୀରରେ ଭୀଷଣ ରୋଗମାନ ପ୍ରବେଶକରେ I ବାତ,ଜ୍ଵର,ଅତିସାର,ଯକ୍ଷ୍ମା, ପକ୍ଷାଘାତ ଓ କର୍କଟ ପ୍ରଭୃତି ବହୁ ଉକ୍ରଟ ରୋଗରେ ପ୍ରାଣ ଉତ୍-ପିଡିତ ହୁଏ I ଓହୋ କି ଭୟଙ୍କର ଯନ୍ତ୍ରଣାରେ ଜୀବ ଛଟପଟ ହେଉଥାଏ I

ଅତଃ ପର ଜୀବନ-ପ୍ରଦୀପର ଆସନ୍ନ ନିର୍ବାଣ ସମୟ ପ୍ରବେଶ କରେ I ବନ୍ଧୁ-ବାନ୍ଧବ ମାନେ ଆସି ଚାରି ଦିଗରେ ବେଢି ବସନ୍ତି I ନାନା କଥା ପଚାରନ୍ତି I ପ୍ରଭୁଙ୍କ ନାମ ନେବାକୁ କହନ୍ତି I ତୁଳସୀ ଜଳ କିମ୍ବା ଗଙ୍ଗା ଜଳ ନିର୍ମାଲ୍ୟ ଚାମଚେ ଲେଖାଏଁ ପାଟିରେ ଦେଉଥାନ୍ତି Iହଠାତ କରାଳ ମୃତ୍ୟୁ-ବାତ୍ୟାରେ ଜୀବନ ପ୍ରଦୀପଟି ନିଭିଯାଏ  I

ଚାରିପାଶେ  ତୋତେ ଘେରି ,

ଚାହିଁ ବସିଥିବେ ବନ୍ଧୁ-ଭଗାରି

ସୁମନରେ I ଚୋର କରିନେବ ଚୋରି II      (ସ୍ୱକୃତ )

ଦାରାସୁତା-ସୁତ ,ବନ୍ଧୁ-ସହୋଦର ସମସ୍ତେ ଉଚ୍ଚ ସ୍ୱରରେ ରୋଧନ କରନ୍ତି I ଛଅ ଖଣ୍ଡି କାଠ କିମ୍ବା ବାଉଁଶରେ ଶ୍ମଶାନ-ଶିବିକା (କୋକେଇ)କରାଯାଏ I ନୂତନ ବସ୍ତ୍ର ପରିଧାନ କରାଇ ,ଫୁଲ ଦ୍ୱାରା ସଜେଇ  ସେହି କୋକେଇରେ ଦୁର୍ଲଭ ଶରୀରକୁ ନେଇଯାନ୍ତି ଶ୍ମଶାନ ଭୂମିକୁ I ଶବଦାହକାରି ମାନେ ପ୍ରସ୍ତୁତ ହୋଇ ସାଙ୍ଗରେ ଯାଉଥାନ୍ତି I ଶ୍ମଶାନ ଭୂମିରେ ଚିତା ସଜାଡି ,ଶରୀରକୁ ତା' ମଧ୍ୟରେ ରଖି ଅଗ୍ନି ଲଗାଇ ଦଗ୍ଧ କରିଦିଅନ୍ତି I

ଏଇ ତ ସମ୍ମୁଖେ ବଂଧୁ ଚିତା-ଭସ୍ମ-ବେଦି

ହୁଏ ଯହିଁ ମାନବର ସ୍ୱର୍ଗ –ଅଭିଷେକ  I

ଭୈରବୀ ମଶାଣ ଚଣ୍ଡୀ ନୃମୁଣ୍ଡ ମାଳିନୀ

ବସନ୍ତି ନିଶିଥେ ଏଥି ମୃତ୍ୟୁ –ମନ୍ତ୍ର ଗାଇ  II  (ସ୍ୱକୃତ)

ଶବକୁ ଛୁଇଁଲେ ଛୁଆନ୍ତି  I ତେଣୁ ଶବଦାହକାରି ମାନେ ଗୋମୟ ଲଗାଇ ସ୍ନାନ କରନ୍ତି ଏଇ ମାତ୍ର ମାନବ ଶରୀରର ପରିଣତି I ଏଥିପାଇଁ ମାନବ ଗର୍ବ,ଦମ୍ଭ ଅଭିମାନ ବଶତଃ ହିଂସା-ଈର୍ଷା ପରାୟଣ ହୋଇ ସ୍ୱାର୍ଥପର ଭାବେ ଅନ୍ୟର ସର୍ବସ୍ୱ ନାଶ  କରୁଅଛି   I ଟିକିଏ ଦୋଷରେ ଧୈର୍ଯ୍ୟହରା ହୋଇ କ୍ରୋଧାନ୍ୱିତ ହେଉଛି Iଅଜ୍ଞାନ-ମୋହ ବଶତଃ ପରମେଶ୍ୱରଙ୍କୁ ଭୁଲିଯାଇ ମାନବ ଜନ୍ମକୁ ବ୍ୟର୍ଥ କରୁଅଛି I

ଏହି ଜନ୍ମ ମୃତ୍ୟୁ ଚକ୍ରକୁ ଅତିକ୍ରମ କରିବା ପାଇଁ ଏକ ଅଖଣ୍ଡ ଅଲେଖ ପରଂବ୍ରହ୍ମଙ୍କ ଆଶ୍ରୟ ଏକାନ୍ତ ଆବଶ୍ୟକ I ଆତ୍ମୋତ୍ସର୍ଗ ପୂର୍ବକ ନିଷ୍କାମ ଚିତ୍ତରେ ସର୍ବଦା ଚିନ୍ତନ,ମନନ,ସ୍ମରଣ,ଭଜନ ଦ୍ୱାରା ବିଭୁକୃପା ଅର୍ଜନ କରିପାରିଲେ ଏହି ଜନ୍ମ –ମୃତ୍ୟୁ ବନ୍ଧନରୁ ଜୀବାତ୍ମା ନିଶ୍ଚିନ୍ତରେ ମୁକ୍ତି ଲାଭ କରିବ I ଏହା ସକଳ ଧର୍ମଶାସ୍ତ୍ର ମାନଙ୍କର ସତ୍ୟ-ସିଦ୍ଧାନ୍ତ ବାଣୀ ଅଟେ I

**ଜହ୍ନିତଇଳା, ଢେଙ୍କାନାଳ**

# ମଣି

ସନ୍ତୋଷ ସାଗର ମିଶ୍ର

ପୂର୍ବ ଦିଗ୍-ବଳୟରୁ ନାଲି ଚଦର କାଢି ସୂର୍ଯ ଉଇଁବା ଆଗରୁ ମଣି ଉଠି ସାରିଥାଏ, ଆଉ ଉଠିବା ପରେ ତା ପ୍ରଥମ କାମ ହେଲା ହାଲୁକୁ ଉଠେଇବା I ହାଲୁକୁ ଉଠେଇବାର ତାର ତରିକା ବି ନିଆରା I ସେ କିଛି ନକହି ଯାଇ ଚୁପ୍ ଚାପ୍ ହାଲୁ ପାଖରେ ଶୋଇପଡେ I କହିବ ବି କଣ ? ତା କଥା ତ କେହି ବୁଝି ପାରନ୍ତିନି I ଏକା ହାଲୁ ତା ମନ କଥା ବୁଝେ I ହାଲୁ ଉଠିବା ପରେ ଦୁହେଁ ସାଙ୍ଗରେ ଚାଲନ୍ତି ନିତ୍ୟ କର୍ମ ସାରିବା ପାଇଁ, ହେଲେ ମଣି ଖାଲି ବୁଲେ I "ଏ ମଣିଟା ଭାରି ଅସନା" ହାଲୁ ଭାବେ, ସକାଳେ ଏଆଡେ ସିଆଡେ ବୁଲୁଚି ଆଉ ଦିନରେ ଯଉଠି ଯେତେବେଳେ ଇଛା କାମ ସାରି ଦଉଚି I ହାଲୁ କିନ୍ତୁ କିଛି କହେନି I ଗୋଟିଏ ବୋଲି ସାଙ୍ଗ, ତାକୁ ଚିଡେଇଦେଲେ ଖେଳିବ କାହା ସଙ୍ଗେ I

ଖରା ଟାଣ ହେଲା ପରେ ଦୁହେଁ ଚାଲନ୍ତି ଖାଇବା ଖୋଜି I ସକାଳ ଖାଇବା ଯୋଗାଡ କରିବା ହାଲୁର କାମ I ସେ ଚାଲେ ପାଖ ଶିବ ମନ୍ଦିର I ସବୁଦିନ ଭୋଗ ମିଳିଯାଏ , ଆଉ କେବେ ବଡପର୍ବ ଥିଲେ କିଛି ଟଙ୍କାବି ମିଳିଯାଏ I ସନ୍ଧ୍ୟା ବେଳର ଖାଇବା ମଣି ଯୋଗାଡ କରେ I ସେଇ ଶିବ ମନ୍ଦିର ପଛରେ ଯୋଉ ଢାବାଟା ଅଛି ସେଇଠୁ ରୁଟି କିଛିପଟ ଆଉ ତରକାରି ଟିକେ ମିଳିଯାଏ I ଦୁହେଁ ସାଙ୍ଗ ହୋଇ ଖାଆନ୍ତି, ଆଉ ସେଇଠି ଢାବା ବାରଣ୍ଡାରେ ରାତିରେ ଶୋଇ ଯାଆନ୍ତି I

ହାଲୁ ସବୁଦିନ ଶୋଇବା ଆଗରୁ କିଛି ବାସନ ମାଜିଦିଏ, ହେଲେ ମଣି ଏଠିବି ଠକେ I ହାଲୁ କାମ କଲାବେଳେ ସେ ପୁଣି କୁଆଡେ ଯାଇ ବୁଲି ଆସେ I ହାଲୁ କାମ ସବୁ ଏକାକୀ କଲେବି ମଣି ଉପରେ ଚିଡେନି, ସେଇ ତ ତାକୁ ଏ ଢାବାର ବାଟ ବତେଇଛି I ୪-୫ ସପ୍ତାହ ତଳେ ଯେବେ ହାଲୁ ଏଠିକି ଆସିଲା, ଅଜଣା ଅଚିହ୍ନା ଜାଗାରେ ମଣି ଆଗ ତା ପାଖକୁ ଆସିଥିଲା I ସେଇ ତା ଖାଇବାରୁ

ହାଲୁ କୁ ଭାଗ ଦେଇଥିଲା I ଏ ନୂଆ ଜାଗାରେ ଏକା ମଣି ଉପରେ ହାଲୁର ପୁରା ଭରସା, ସେ ତାକୁ କେବେ ଧୋକା ଦବନି I

***********

ସେଦିନ ସନ୍ଧ୍ୟାବେଳେ ଯେବେ ହାଲୁ ଆଉ ମଣି ଢାବା ପାଖକୁ ଗଲେ  ଢାବା ମାଲିକ ଗଙ୍ଗା ସାହୁ ହାଲୁକୁ ତା ଢାବା ଭିତରେ ବସି ଖାଇବାକୁ ଡାକିଲା I  ମଣି ଯେବେ ତା ପଛେ ପଛେ ଭିତରକୁ ପଶିଲା ଗଙ୍ଗା ସାହୁ ତାକୁ ଗାଳି ଦେଇ ତଡିଦେଲା I ହାଲୁ ବି ମଣିକୁ ନଚାହିଁ ଭିତରକୁ ଚାଲିଲା  I ଏ କଥା ମଣିକୁ ଭଲ ଲାଗିଲାନି I ସେ ନଖାଇ ବୁଲି ପଳେଇଲା I ସେ ବି ଆଜି ଭଲ ଖାଇବା ଖାଇବ, ଏଇ ଜିଦିରେ ସେ ଢାବା ପଛ ବିଲ ପାର ହୋଇ ଆର ଗାଁ ଆଡେ ଗଲା  I ଏକା ସିନା ଚାଲି ଆସିଲା, କିନ୍ତୁ ଏକା ଭଲ ଲାଗିଲାନି I ୩-୪  ଘଣ୍ଟା ପରେ ଯେବେ ସେ ଫେରିଲା ହାଲୁ ଆଉ ସେଠି ନଥିଲା I ପୁଣି ମନ ମାରି ସେ ଶିବ ମନ୍ଦିର ଆଡେ ଗଲା। ସେଠି ଯାଇ ଦେଖେତ ହାଲୁ ନୂଆ ଜାମା ପିନ୍ଧି ଗାଡିରେ ବସିଛି I ସେ ଜୋରେ ଦଉଡି ଦଉଡି ଗାଡି ପାଖକୁ ଗଲା ବେଳେକୁ ଗାଡି ବି ଚାଲିବା ଆରମ୍ଭ କଲା I ମଣି ବି ବହୁତ ଜୋର ରେ ଦୌଡିଲା Iମଣି ଯେତେ ଜୋର ରେ ଡାକିଲେ ବି ଗାଡି ରହିଲାନି I ସେ ଏକମୁହାଁ ହେଇ ଗାଡି ପଛରେ ଗୋଡେଇଲା ବେଳେ କଉଠି ଥିଲା ଗଙ୍ଗା ସାହୁ ତା ଗୋଡକୁ ଠେଙ୍ଗାରେ ପାହାରେ ଦେଲା I ବିକଟାଳ ରଡି ଛାଡି ମଣି ଛୋଟେଇ ଛୋଟେଇ ମନ୍ଦିର ପଛକୁ ପଳେଇଲା I

***********

ହ୍ରିତେଶ ସେ ଦିନ ସ୍କୁଲ ଗଲା ବେଳେ ତାଙ୍କ ପାଚେରି ପାଖରେ ମଣିକୁ ଦେଖିଲା ପରି ଲାଗିଲା । ସେ ଏ ବିଷୟରେ କିଛି ତା ମମିଙ୍କୁ କହିବା ଆଗରୁ ମମି ସ୍କୁଲରୁ ଫେରିଲେ ଅଜାଘର ଯିବା କଥା କହିଲେ, ଆଉ ସେ ମଣି କଥା ଭୁଲି ଗଲା । ଚାରି ମାସ ତଳେ ହଜିଯାଇଥିବା ହ୍ରିତେଶ ମାସେ ତଳେ ଗୋଟେ ମନ୍ଦିର ପାଖରେ ମିଳିଥିଲା । ଫେରି ପାଇଥିବା ପୁଅକୁ ମମି ଜମା ଏକା ଛାଡୁ ନଥିଲେ ।

ସ୍କୁଲରୁ ଫେରିଲା ବେଳକୁ ହ୍ରିତେଶର ଘର ଆଗରେ କିଛି ଲୋକ ଠିଆ ହୋଇଥିଲେ । ଗାଡିରୁ ଓଲେହି ହାଲୁ ସଙ୍ଗେ ସଙ୍ଗେ ମଣିକୁ ଚିହ୍ନିଗଲା । ବିଚରା ଗୋଡରେ ଗୋଟେ ବଡ ଘା, କାନ ପାଖରୁ ରକ୍ତ ବାହାରୁ ଥିଲା, ପାଟିରୁ ଲାଳ ଗଡୁଥିଲା । ଏତେ ସବୁ ଦେଖି ହାଲୁର ମଣି ପାଖକୁ ଯିବାକୁ ସାହସ ହେଉ ନଥାଏ । ୱାଚମ୍ୟାନ କହିଲା " ମାଡାମ, ଏ କୁକୁରଟା ସପ୍ତାହେ ପାଖାପାଖି ଏ ପାଚେରି ପାଖରେ ଲୁଚିକି ଥିଲା, ସବୁବେଳେ ସାନ ବାବୁଙ୍କ ଗାଡି ପଛରେ ଗୋଡାଉ ଥିଲା । ଆଜି ମୁଁ ତା ମଜା ଛଡେଇ ଦେଇଚି ଭଲକି ପାହରେ ଦେଇଚି, ଆଉ ସେ ଉଠିବନି " । ମଣି ସେଇଠି ନିଶ୍ଚଳ ହେଇ ପଡିଥିଲା ।

**ରଣପଶି,ଢେଙ୍କାନାଳ**

# ସ୍ୱପ୍ନ

କାଜଲ ସ୍ୱାଇଁ

ମାମା... ମାମା... ଜୋରରେ ପାଟି କରି ଘର ଭିତରକୁ ପଶି ଆସିଲା ଝିଅ ଅନିଶା I ସବୁବେଳେ ଏମିତି ସେ, ହେଲେ ଆଜି ଗେହ୍ଲୀ ଝିଅ ଅନିଶା ର ଡାକ ପଡୁନି ମେଘନା ଦେବୀଙ୍କ କାନରେ I ନୀରବ ନିଶ୍ଚଳ ହୋଇ ଲୋଟେଇ ଦେଇଛନ୍ତି ଶରୀରକୁ ବାଲକୋନି ରେ ପଡିଥିବା ଆରାମ ଚେୟାର ଉପରେ I ଚାହିଁ ରହିଛନ୍ତି ପୂର୍ଣ୍ଣମୀ ଆକାଶର ଚୋଫା ଜହ୍ନକୁ, ଖଣ୍ଡ ଖଣ୍ଡ କଳା ମେଘକୁ ଅପଲକ ନୟନ ରେ ଅନାଇ ରହିଛନ୍ତି I କେଉଁ ଭାବନା ରେ ବୁଡ଼ି ରହିଛନ୍ତି କେଜାଣି...! ଝିଅ ଅନିଶା ଡାକି ଡାକି ଫେରି ଯାଉଚି ମୁହଁ ତମ ତମ କରି, ତଥାପି ମେଘନା ଦେବୀ ନିରବ, ନିମଗ୍ନ ସେ ତାଙ୍କ ଭାବନାରେ I

ହଠାତ ପ୍ରକୃତିର ପରିବର୍ତନ,କଳାହାଣ୍ଡିଆ ମେଘ ଘୋଡେଇ ନେଉଚି ଜହ୍ନ କୁ, ସତେ ଅବା ତା ପ୍ରେୟସି କୁ କୋଳକରି ନେଉଚି ସେ, ନିବିଡ ବାହୁ ବନ୍ଧନରେ ଛନ୍ଦି ଉନ୍ମତ ସାଜୁଚି ବର୍ଷା ହୋଇ I ବର୍ଷାର ବେଗ ଧୀରେ ଧୀରେ ବଢ଼ି ଚାଲିଛି, ଧୀରେ ଧୀରେ ସେ ହଜି ଯାଉଛନ୍ତି ଭାବନାର ଗହନ ବନ ଭିତରେ I ଅର୍ଦ୍ଧ ନିଦ୍ରିତ ଅବସ୍ଥା ରେ ଅତୀତର ପୃଷ୍ଠାକୁ ଓଲଟାଇ ଚାଲିଛନ୍ତି ସେ, ଫେରି ଯାଇଛନ୍ତି ଦୀର୍ଘ ପଚିଶବର୍ଷ ତଳକୁ...

ମେଘା... ଠିକ ମେଘ ପରି ଚଳ ଚଞ୍ଚଳ ସେ,କଥା କୁହା ଆଖି ସାଙ୍ଗକୁ ଶିଳ୍ପୀ ର ନିହାଣ ମୁନରେ ଖୋଦେଇ ହେବା ପରି ସୁଢ଼ଳ ଶରୀର, ନାଲି ଅଧର ରେ ସ୍ମିତ ହସ ଟିଏ ଖେଳି ଗଲେ ଲାଗେ ପୂର୍ଣ୍ଣମୀ ଆକାଶରେ ଜହ୍ନ ହସୁଚି  I ହାଇସ୍କୁଲ ପାଠ ସାରି କଲେଜ ରେ ନୁଆ ନୁଆ ନାମ ଲେଖା,ପହିଲି ଯୌବନ ର ପ୍ରଥମ ସ୍ପର୍ଶରେ ସେ ପ୍ରେମରେ ପଡ଼ିଗଲେ  I ତାଙ୍କ ପ୍ରେମ ବି ଥିଲା ବଡ଼ ଅଜବ ଅବାସ୍ତବ,ବାସ୍ତବତା ଠାରୁ ଅନେକ ଦୂରରେ ସ୍ୱପ୍ନ ଦୁନିଆ ର ରାଜକୁମାର ସହ I ନିତି ଭେଟ ହୁଏ ତା

ସହ ରାତ୍ରିର ନିର୍ଜନ ପ୍ରହର ରେ ସେଇ ସ୍ୱପ୍ନର ପୃଥିବୀ ରେ I ହାତରେ ହାତ ଛନ୍ଦି ଅନେକ ଦୂର ଚାଲି ଯାଆନ୍ତି ନୀରବରେ କିଛି ବାଟ I ଧୀରେ ଧୀରେ ସେ ସ୍ୱପ୍ନରେ ହଜି ଗଲେ, ପରିଚୟହୀନ ସେ ରାଜକୁମାରର ପ୍ରେମରେ ନିଜର ବାସ୍ତବତାକୁ ଭୁଲିଗଲେ I ତନୁ ମନ ସବୁକିଛି ସମର୍ପି ସାରିଥିଲେ ସେ, ଯେବେ ଦିନର ଆଲୋକରେ ନିଜକୁ ପାଉଥିଲେ ସେବେ ସ୍ୱପ୍ନକୁ ସଜଉଥିଲେ କବିତାରେ Iକବିତାର ପ୍ରତିଟି ଶବ୍ଦ, ଶବ୍ଦରେ ଲୁଚିଥିବା ପ୍ରତିଟି ପ୍ରେମ କେବଳ ଥିଲା ତାଙ୍କ ସ୍ୱପ୍ନିଳ ପୁରୁଷ ପାଇଁ I ଯିଏ ଥିଲା ତାଙ୍କ ପ୍ରତି ସ୍ପନ୍ଦନ ରେ, ନିଶ୍ୱାସ ରେ, ସ୍ୱପ୍ନ ରେ, ପ୍ରତିଟି ଅନୁଭବ ରେ, ହେଲେ ନଥିଲା କେବଳ ବାସ୍ତବ ଦୁନିଆରେ I ବିଚିତ୍ର ଥିଲେ ସେ ଆଉ ବିଚିତ୍ର ତାଙ୍କର ପ୍ରେମ !ହେଲେ..!ସମାଜ, ପରିବାର କେମିତି ଅବା ତାଙ୍କ ମନକୁ ବୁଝିପାରିଥାନ୍ତା ? ହାର ମାନିବାକୁ ପଡ଼ିଲା ତାଙ୍କୁ ପରିବାର ଲୋକଙ୍କ ଜିଦ୍ ଆଗରେ I ଅଜଣା ଅପରିଚିତ ଲୋକ ସହ ତାଙ୍କୁ ମିଛ ସମ୍ପର୍କ ର ସୂତା ଖିଅ ରେ ଜୋର କରି ବାନ୍ଧି ଦିଆଗଲା କର୍ତବ୍ୟର ଦ୍ୱାହି ଦେଇ I ନିଜକୁ ପ୍ରତି ମୁହୂର୍ତରେ ଜାଳି ଜାଳି କର୍ତବ୍ୟର ବୋଝକୁ ବୋହି ଚାଲିଲେ ସେ, ହୃଦୟର କେଉଁ ଏକ ନିର୍ଜନ କୋଣରେ ଲୁଚେଇ ଦେଲେ ନିଜ ସ୍ୱପ୍ନ ଆଉ ପ୍ରିୟତମ ପୁରୁଷଟିକୁ I ବାସ୍ତବରେ ବଞ୍ଚିବା ଶିଖି ଗଲେ ବୋଧ ହୁଏ, ହଁ...ଆଜି ପର୍ଯ୍ୟନ୍ତ ତ ସେ କେବଳ କର୍ତବ୍ୟ କରି ଆସୁଛନ୍ତି ନିଜକୁ ଜାଳି ଜାଳି I

ପ୍ରତିଷ୍ଠିତ ସ୍ୱାମୀ, ଅନିଶା ପରି ସୁନ୍ଦରୀ ସ୍ମାର୍ଟ ଝିଅର ମା ସେ, ସମାଜରେ ନାଁ ଅଛି ତାଙ୍କର, ମେଘା ରୁ ଆଜି ସେ ମେଘନା ଦେବୀ I ସବୁ କିଛିତ ଅଛି ତାଙ୍କ ପାଖରେ, ସୁଖ-ସମୃଦ୍ଧି, ଭୋଗ-ବିଳାସ ସବୁକିଛି I ତଥାପି ଶୂନ୍ୟତା କାହିଁକି ? ଆଜି ଏତେ ବର୍ଷ ପରେ ସେ ହଜିଲା ଅତୀତ, ତାଙ୍କ ସ୍ୱପ୍ନ କଣ ପାଇଁ ଏତେ ବ୍ୟଥିତ କରୁଛି ତାଙ୍କୁ ?ସତରେ କଣ ସେ ପୂର୍ଣ ତାଙ୍କ ସ୍ୱପ୍ନ ବିନା ? ପ୍ରଥମ ପ୍ରେମକୁ କଣ କେହି ଭୁଲି ପାରେ ? ସତରେ କଣ ଦାଇତ୍ୱ ର ବୋଝ ତାଙ୍କୁ ସ୍ୱପ୍ନଠାରୁ ଦୂରେଇ ପାରିଛି ? ଏସବୁ ପ୍ରଶ୍ନ ର ଉତ୍ତର ବୋଧହୁଏ ନାଁ...ଅନେକ ବର୍ଷର ଜମାଣ୍ଟ ବାନ୍ଧିଥିବା କୋହ ଧୀରେ ଧୀରେ ଅଶ୍ରୁଧାର ହୋଇ ଝରି ଯାଉଚି, ନୀରବରେ ଛୁଇଁ ଯାଉଚି ଗଣ୍ଡ ଦେଶ I ମେଘନା ଦେବୀ ଅନୁଭବ କରୁଛନ୍ତି ଧୀରେ ଧୀରେ ତାଙ୍କ ଶରୀର ଶିଥିଳ ହୋଇ ଯାଉଚି, ହୃଦୟର ସ୍ପନ୍ଦନ ନିରବୀ ଯାଉଚି I

ବାସ୍ତବ ଦୁନିଆଁ ରୁ ସେ ଚାଲି ଯାଉଛନ୍ତି ତାଙ୍କ ସ୍ୱପ୍ନ ର ଦୁନିଆକୁ ପୁଣି ପଚିଶ ବର୍ଷ ତଳର ଚୁଲୁବୁଲି ମେଘା ସାଜି  I ବାହା ପ୍ରସାରି ଅପେକ୍ଷା କରିଚି ତାଙ୍କ ରାଜକୁମାର ତାଙ୍କ ପାଇଁ, ଧୀରେ ଧୀରେ ସେ ନିକଟତର ହେଉଛନ୍ତି ସ୍ୱପ୍ନର ପୃଥିବୀ ଆଡକୁ, ଆଉ ଶେଷରେ ସବୁକିଛି ନୀରବ, ହୃଦୟ ରେ ଆଜି ପୂର୍ଣ୍ଣତା, ପ୍ରେମକୁ ଫେରି ପାଇବା ର ଆତ୍ମତୃପ୍ତିରେ ସବୁ ଯେମିତି ସ୍ଥିର ହୋଇଯାଉଛି ଧୀରେ ଧୀରେ I..ବର୍ଷା ଥମି ଆସିଲାଣି, ଜହ୍ନ ଏବେ ବାଦଲ କୋଳ ରୁ ଖସିଆସି ଖିଲି ଖିଲି ହୋଇ ହସୁଚି I ରାତି ପାହିବ କିଛି ସମୟ ପରେ, ଅନିଶା ପୁଣି ଥରେ ବ୍ୟସ୍ତ ହୋଇ ଡାକ ପକାଉଛି... ମାମା... ମାମା...ରାତିସାରା ଏଇଠି ଶୋଇ ରହିଛ ଯେ ?ଘର ଭିତର କୁ ଆସିଯାଅ ତ ଏବେ I ହେଲେ...! ମେଘନା ଦେବୀ ସେମିତି ନୀରବ ରେ ଶୋଇ ରହିଛନ୍ତି, ବୋଧହୁଏ ଆଉ ଉଠିବେନି ସେ..କାରଣ ସେ ତ ଚାଲି ଯାଇଛନ୍ତି ବାସ୍ତବତା ଠାରୁ ଅନେକ ଦୂର ପୁଣିଥରେ ତାଙ୍କ ସ୍ୱପ୍ନର ପୃଥିବୀ କୁ...!

**ଡେଲାଙ୍ଗ,ପୁରୀ**

# ଅଶାନ୍ତ ରାତି

ମଳୟ କୁମାର ସାମଲ

ଅଶାନ୍ତ ପବନ ସାଙ୍ଗକୁ ତୁହାକୁ ତୁହା ରିମ୍-ଝିମ୍ ମେଘ, ସହରର ସମସ୍ତ ଚଳଣିକୁ ସ୍ତବ୍ଧ କରିଦେଇଥିଲା I ଆଜି ବାହାରେ ପହିଲି ଆଷାଢ଼ର ପହିଲି ବର୍ଷା I ରିମ୍-ଝିମ୍ ବର୍ଷାର ନୁପୁର ଧ୍ୱନି ସୃଷ୍ଟି କରୁଛି, ମନ ଉପବନରେ ମିଳନର ମଧୁବାର୍ତ୍ତା । ଓଦା ମାଟ୍ର ଭୁରୁ ଭୁରୁ ବାସ୍ନାରେ ବିଭୋର ହେଇଯାଇଛି, ଦେହ ଆଉ ମନ । ସାରା ଉପରବେଳା ଏକ ସ୍ୱରରେ ବର୍ଷା ହେଉଥିଲା ଏବଂ ପବନର ଅଶାନ୍ତ ମନକୁ ଶାନ୍ତ କରିବାକୁ ସହରବାସୀଙ୍କର ସାହସ ନଥିଲା I ଭିଜାମାଟି ଉଜ୍ଜୀବିତ ନବ ତେଜ ପ୍ରାପ୍ତ ସବୁଜ ଜଗତର ବାସ୍ନା ଓ ବର୍ଷାଭିଜା ରୋଜମାରୀର ଥଣ୍ଡା ଓ ସତେଜ ସୁଗନ୍ଧ ଉଭୟ ପରସ୍ପର ସହିତ ମିଶି ଯାଇଥିଲେ I ରାସ୍ତାକଡର ବୃକ୍ଷ ଗୁଡିକ ଏହି ଅନ୍ଧକାର ରାତ୍ରିର ସୁଯୋଗ ନେଇ ନିଜ ନିଜ ମଧ୍ୟରେ ଚୁମ୍ବନର ଖେଳ ଖେଳୁଥାନ୍ତି । ସହରର କୁକୁର ସବୁ ବେଳେ ବେଳେ ସେମାନଙ୍କର ଜାଗ୍ରତ ପ୍ରହରୀର ପ୍ରମାଣ ଦେଉଥାନ୍ତି I ମଣିଷ ନିଜ କର୍ତ୍ତବ୍ୟ ପ୍ରତି ଅବହେଳିତ ହେଇ ପାରନ୍ତି କିନ୍ତୁ ବୋଧହୁଏ ଏମାନେ ନୁହନ୍ତି I ସହରର ବତିଖୁଣ୍ଟ ଗୁଡିକ ନିଜ ନିଜର ଅସାମର୍ଥ୍ୟତା ପ୍ରଦର୍ଶନ କରୁଥାନ୍ତି I ବାହାରର ଅବଧ ,ବିଷର୍ଣ୍ଣ, ସମୟର ଅଂତରହୀନ ଆର୍ତ୍ତନାଦ ଶୁଣାଯାଉଥାଏ,ସତେ ଯେପରି ଏହାର ଅନ୍ତ ନାହିଁ I

ଆଲେଖ୍ୟରେ ବର୍ଷା ଉର୍ମି ର ଚେତନା ଭିତରେ ଗଭୀର ଭାବନାରେ ପ୍ରବେଶ କରିସାରିଥିଲା I ଝରକା କୋଣରୁ ଏକ ଭଙ୍ଗା ଚୌକିରେ ବସିଏହି ସବୁ ପରିବେଶ ମଧ୍ୟରେ ସେ ନିଜକୁ ଅସହାୟ ପରିତ୍ୟକ୍ତ ମନେ କରି ,କେଉଁ ଅତୀତତରେ ମୃତବତ ହଜିଯାଇଥିଲା I ବୋଧହୁଏ ,ସେ ପ୍ରଥମ ମେଘକୁ ସ୍ୱାଗତ କରିବାକୁ ଭୁଲିଯାଇଥିଲା । ମନର ସଂସାର ବଡ ଆଶ୍ଚର୍ଯ୍ୟ ଧରଣର ଅଟେ I ଯେତେବେଳେ ସେ ଏକୁଟିଆ ଥାଏ ,ସେତେବେଳେ ସେ ଚେଷ୍ଟାକରେ ସ୍ମୃତିର କିଛି ଶୁଖିଲା ପାଖୁଡା ସଂଗ୍ରହ କରିବାକୁ I ସ୍ମୃତି ,ଅନୁଭୂତି ଓ ସ୍ୱପ୍ନ ଏମାନଙ୍କୁ ନେଇ ଜୀବନ । ଜୀବନ ଚଳପଥରେ ଏମାନଙ୍କୁ ଭେଟେ ମଣିଷ ପ୍ରତିଦିନ , ପ୍ରତିମୁହୂର୍ତ୍ତରେ Iତେବେ ସବୁ ଅନୁଭୂତ ସ୍ମୃତି ହୋଇପାରେନା I ଯାହା ସ୍ମୃତିହୁଏ , ତାହାର ଚିହ୍ନ ରହିଯାଏ ଜୀବନର ଅନ୍ତିମ ମୁହୁର୍ତ୍ତ ପର୍ଯ୍ୟନ୍ତ I ଜୀବନର ଇତିହାସ ପୃଷ୍ଠା ଲେଉଟାଇ ଉର୍ମି ଅତୀତର ସ୍ମୃତି ଗୁଡିକ, ପ୍ରିତିବିମ୍ବ ଚିତ୍ରପରି ଗୋଟିକ ପରେ ଗୋଟିଏ ମନ ଦର୍ପଣରେ ଦେଖୁଥିଲା ,ଇତି ମଧ୍ୟରେ ଆଖିର କେଉଁ କୋଣରୁ କେଇ ଟୋପା ଲୁହ ଗଡିଆସି 'ଉର୍ମି' ର ଏକାଗ୍ରତା ଭାଙ୍ଗି ଦେଇଥିଲା I

ଉର୍ମି ଏକ ସ୍ୱୟଂସଂପୂର୍ଣ୍ଣା ପ୍ରସ୍ଫୁଟିତା ସ୍ୱାଭିମାନୀ ତରୁଣୀ I ଅଧିକ ସୁନ୍ଦରୀ ନହେଲେ ମଧ ସୌନ୍ଦର୍ଯ୍ୟକୁ ଯଦି ମନର ଆଇନାରେ ଦେଖାଯାଏ ତେବେ ସେ ଅଧିକ ସୁନ୍ଦର ବୋଲି ଧରିନେବାକୁ ହେବ I ପୃଥିବୀ ପୃଷ୍ଠରୁ ଚାହିଁଲେ ଆକାଶ ନୀଳ ଦେଖାଯାଏ କିନ୍ତୁ ତାର ନୀଳିମା ଆମର ଦୃଷ୍ଟିର ଭ୍ରମ ମାତ୍ର ।ସମୁଦ୍ର ସେମିତି ଦୂରରୁ ଦେଖାଯାଏ ନୀଳ ଅଥଚ ସମୁଦ୍ରର କୌଣସି ରଙ୍ଗ ନଥାଏ I ପର୍ବତ ଦୂରରୁ ଦିଶେ ନୀଳ କିନ୍ତୁ ପାଖକୁ ଗଲେ ସବୁଜ I କହିବା ନିଷ୍ପ୍ରୟୋଜନ ଯେ ସୌନ୍ଦର୍ଯ୍ୟତା ଅପେକ୍ଷା ଚରିତ୍ର ଓ ସତ୍ୟାଚରଣ ମଣିଷର ଚଲା ପଥରେ ସର୍ବଦା ସାଥି ହୋଇ ରହିଥାଏ । ସତ୍ୟାଚରଣ, ନିଷ୍ଠା ଓ ପବିତ୍ରତା ରକ୍ଷାରେ ଉର୍ମି ସବୁବେଳେ ଚେଷ୍ଟାରତ I Be-careful, a time is very soon coming, when your conduct and character will be openly declared either to save you or to destroy you.

ଏଇ ଅଳ୍ପ କେତେ ଦିନ ତଳେ ଦେଖା ହେଇଥିଲା ´ଅଭି´ ସହିତ ଏକ ଟାଉନ ବସରେ I ଅବହେଳିତ ଧୂସର କେଶ,ଅନେକ ଦିନର ବଢ଼ିଲା ଦାଢୀ I ଆଖିରେ ତାଙ୍କର ଅନୁତାପର ସ୍ପଷ୍ଟ ଛବି, ପକେଟରେ କେତେକ ଅଦରକାରୀ କାଗଜ ଓ ହାତରେ ଗୋଟେ ବ୍ୟାଗ ଧରି ଏକ ଦୋଷୀ ଅନୁତପ୍ତ ଭଳି ବସର ଝରକା ଦେଇ ଗଛ ଗୁଡିକର ପଛୁଆ ଗତିକୁ ଅନ୍ୟମନସ୍କ ଭାବେ ଚାହିଁ ରହିଥାନ୍ତି । ହଁ ସେହି ´ଅଭି´, ଯେ କି କେବେ ଥିଲେ ମୋର ମନର ମଣିଷ ,ସ୍ୱପ୍ନର ଦେବତା ଏବଂ ବୋଧ ହୁଏ ଅନେକ କିଛି । ତାଙ୍କର କିନ୍ତୁ ମୋର ଆଖି ସହ ଆଖି ମିଶାଇବାର ସାହସ ନଥିଲା । ମଥାରେ ତାଙ୍କର ବ୍ୟସ୍ତତାର ଝାଳ । ନିଜର ସାହସ ସଂଚୟର ବାହାନାରେ ବ୍ୟାଗରୁ ଗୋଟିଏ ଖବର କାଗଜ କାଢି ପୃଷ୍ଠା ଗୁଡିକୁ ଏପଟ ସେପଟ ଲେଉଟିବାକୁ ଲାଗିଲେ । ଇତି ମଧ୍ୟରେ ବସଟି ଏକ ଷ୍ଟାଣ୍ଡ ମଧ୍ୟରେ ଅଟକି ଯାଇଥିଲା ଓ ସେ ଓହ୍ଲାଇ ପଡ଼ିଥିଲେ । ପଛକୁ ମୋଡ଼ି ମୋତେ ଦେଖିବାକୁ ସାହସ ତାଙ୍କର ନଥିଲା, କିନ୍ତୁ ମୁଁ ରହିଯାଇଥିଲି ଏକ ପଥହୀନା ପଥିକାଭାବେ.... ସେହି ବସ ଭିତରେ ।

ଦିନେ ଅତୀତରେ ଅଭି ଓ ମୁଁ ମିଶି ଦେଖିଥିଲୁ ସ୍ୱପ୍ନଟିଏ I ତାଙ୍କର ବୋଧହୁଏ ମନେ ନ ଥିବ ସେ କଥା, ହୁଏତ ଭୁଲି ମଧ ଯାଇଥିବେ I କିନ୍ତୁ ମୋର ସବୁ କଥା ମନେ ଅଛି । ଆଖି ବୁଜି ଦେଲେ ସେହି ଦିନ ଗୁଡିକର ମଧୁ ସ୍ମୃତି ସବୁ ଜଳ ଜଳ ହୋଇ ଦେଖାଯାଏ ମାନସ ପଟ୍ଟରେ I ମୋର ହୃଦୟର ଶୂନ୍ୟ ସିଲଟରେ ଦିନେ ସ୍ୱାକ୍ଷର କରିଦେଇଥିଲ ତୁମେ.......ଭଲପାଇବାର I ମୋର ମନର ଆମ୍ରକୁଞ୍ଜରେ ତୁମେ ଶୁଣାଇଥିଲ କୋଇଲିର କୁହୁତାନ ବିନା ଫଗୁଣରେ I ବର୍ଷାରେ ତୁମ ସହିତ ମୋର

ଭେଟ ହୋଇଥିଲା ବୋଲି ବର୍ଷା ଋତୁ ମୋର ଭାରି ପ୍ରିୟ I ସେଥିପାଇଁ ବର୍ଷା ଆସିଲେ ହିଁ ମୁଁ ହଜି ଯାଏ ତୁମର ସ୍ୱପ୍ନରେ .......!ଆଜିବି ଆମ ସମ୍ପର୍କର ଏତେ ଦିନ ପରେ ମଧ୍ୟ ପୃଥିବୀର ସବୁଜକାନି ଆଢୁଆଳରୁ ତୁମ ରୁପଟି ଦେଖି ମୁଁ ପାଲଟି ଯାଏ ଅଭିମାନି ପ୍ରୀୟା ନିଜ ଅଜାଣତରେ........

ପ୍ରେମ ଏକ ଅଦ୍ଭୁତ ଅନୁଭୁତି , ସେମିତି ଅଜବ ଏହାର ପରିଭାଷା I ଏହା ଏକ ସ୍ୱର୍ଗୀୟ ଭାବନା I ମନୁଷ୍ୟ ମାନସିକତାରେ ଯେ, କେତେବେଳେ ଏହି ଭାବନା ପ୍ରବେଶ କରେ, ତାହା ଆଦୌ ଜାଣିପାରେ ନାହିଁ I ସମସ୍ତ ସ୍ୱାର୍ଥର ଉର୍ଦ୍ଧ୍ୱରେ ଥିବା ଏହି ଭାବନା, ପ୍ରେମର ମହନୀୟତା ଆକଳନ କରିବା ଏତେ ସହଜ ସାଧ ନୁହେଁ I ଯେଉଠି ପ୍ରଜ୍ଞାଦିପ୍ତ ପରିପକ୍ୱ ମସ୍ତିଷ୍କ, ଏହି ଭାବନାକୁ ଠିକ ଭାବରେ ବୁଝିପାରି ନାହାନ୍ତି , ସେଇଠି ଚପଳତାରୁ ମୁକ୍ତ ହୋଇନଥିବା ଅପରିପକ୍ୱ ମସ୍ତିସ୍କ ,ପ୍ରେମର ପରିଚୟ ବା ପାଇବେ କେଉଁଠୁ ? ପ୍ରେମ ସଦ୍ୟ ଫୁଟନ୍ତା ଗୋଲାପ ପରି କୋମଳ, ସୁନ୍ଦର, ସ୍ନିଗ୍ଧ ଏକ ଭାବନା I ପରସ୍ପରକୁ ପାଇବାରେ ଆସେ ପ୍ରେମର ପୁର୍ଣ୍ଣତା, କିନ୍ତୁ ଯଦି ଏ ଭାବନା ଏକ ପାଖିଆ ହୋଇଥାଏ, ଯଦି ଏହି ଭାବନା ମଧରେ ଲୁଚିରହିଥାଏ ଶାରିରୀକ କ୍ଷୁଧା ମେଣ୍ଟାଇବାର ଦୁର୍ବାର ଲାଳସା, ତାହା ହେଲେ ତାକୁ କଣ ପ୍ରେମ କୁହାଯିବ ! ତାହା ଏକ ଶାରିରୀକ ଆକର୍ଷଣ ହୋଇ ରହିଯିବ I ଆଜିର ମଣିଷ ନୈତିକତା ଓ ଆଧ୍ୟାତ୍ମିକତା ବିହୀନ ହୋଇଥିବାରୁ ତା ହୃଦୟରେ ସମସ୍ତ ମାନବିକତା ଓ ସ୍ୱର୍ଗୀୟ ଗୁଣାବଳୀ ଲୋପ ପାଇବାକୁ ବସିଲାଣି I ଏକ ସୁସ୍ଥ ସମାଜ ଗଠନ ପାଇଁ ଏଭଳି ବିକୃତ ମାନସିକତାର ଲୋପ ହେବା ନିତାନ୍ତଆବଶ୍ୟକ..I

ଏହି ସଂଜ୍ଞା ଗୁଡିକ ଠାରୁ ଥିଲେ ଅଭି ବହୁ ଦୁରରେ I ପୁରୁଷ ମାତ୍ରେ ହିଁ ରୁକ୍ଷ ,କର୍କଶ,ବ୍ୟଭିଚାରୀ ଓ ଅମାର୍ଜିତ I ସେହି ମୁହୁର୍ତରେ ହିଁ ଉର୍ମି ଦୃଢତାର ସହ ନିଷ୍ପତ୍ତି ନେଇଥିଲା ଅଭି ହାତ ଛାଡିବା ପାଇଁ ଚିର ଦିନ ପାଇଁ, ଯେଉଁଦିନ ସେ ଜାଣି ପାରିଥିଲା ଯେ ଅଭିର ତା ପାଇଁ ନୁହେଁ, ତାର ଶରୀର ପାଇଁ ଆକର୍ଷଣ ଅଛି I ସେହି ମୁହୁର୍ତ୍ତଟା ବୋଧ ହୁଏ ତା ଜୀବନରେ ସବୁଠାରୁ ଖରାପ ମୁହୁର୍ତ୍ତ ଥିଲା I ଆଖିର ଲୁହ କୌଣସି ବାଧା ମାନି ନ ଥିଲା I ଏକ ଅପରିସୀମା କୋହ ତୁହାକୁ ତୁହା...........ଉଠି ସାରା ଦେହଟାକୁ ଝଡପରି ଦୋହଲାଇ ଦେଇଥିଲା I ଏକ ଭଗ୍ନ, ବିଧ୍ୱସ୍ତ ଓ ବହୁ ବିକ୍ଷିପ୍ତ ମନ ଓ ଅବିଶ୍ରାନ୍ତ ଲୁହ,ଏମାନେ ସତେ ଯେପରି ଚିର ଦିନ ପାଇଁ ଉର୍ମିର ସାଥି ହୋଇଯାଇଥିଲେ I

ଏହାପରେ ଉର୍ମି ର ଆଖି ଖୋଲି ଯାଇଥିଲା ଓ ସେ ନିଜକୁ ଆବିଷ୍କାର କରିଥିଲା ସେହି ଭଙ୍ଗା ଚେୟାର୍ ଉପରେ । ବୋଧ ହୁଏ ଏମିତି ଭାବେ କାଲି ରାତିରେ ଶୋଇ ପଡିଥିଲା । ଝରକା ଦେଇ ବାହାରକୁ ଆଖି ବୁଲାଇ ଦେଖିଲା, ସମୟ ଭୋର ସକାଳ । ବାହାରେ ପରିବେଶ ଶାନ୍ତ ମଧୁର ଓ ସ୍ୱଷ୍ଟ । ପରିବେଶ ପୁଣି ଏକ କର୍ମମୟ ମଣିଷକୁ ତାର ଦାୟିତ୍ୱ ଓ ନିଜ କର୍ମକୁ ଅବହେଳା ନ କରିବାକୁ ଆହ୍ୱାନ ଦେଇଛି । ସ୍ୱପ୍ନ ଓ ବାସ୍ତବିକତା ମଧ୍ୟରେ ବିଭାଜନ ରେଖାଟାଣି, ସେ ତାର ଅସଲ ଜୀବନ ପ୍ରତି ଦୃଷ୍ଟିଦେବା ତା ପକ୍ଷେ ଈଶ୍ୱରଙ୍କ ଆଶିର୍ବାଦ ହେବ,ଏହା ମନେ କରି ସେ ନିଜର ମୁକୁଳିତ କେଶକୁ ସଜାଡି ସଜାଡି ଚେୟାର୍ ଉପରୁ ଉଠିବାକୁ ଚେଷ୍ଟା କରି ସଫଳ ହୋଇଛି । ନିଜର ଭାରସାମ୍ୟ ରକ୍ଷା କରି ବିଗତ ଦିନର ଅନୁଶୋଚନା ନ କରି ଭବିଷ୍ୟତର ସୁନ୍ଦର ସ୍ୱପ୍ନ ଦେଖି , ଜୀବନରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବାକୁ ହେବ ବୋଲି ସେ ଭାବିଲା । କାମନାର ବିନାଶ ରେ ଦୁଃଖର ବିନାଶ ବୋଲି ଜାଣି ମଧ୍ୟ କାମନା ଓ ବାସନାର ପରିପୂରଣକୁ ଜୀବନର ଶ୍ରେଷ୍ଠ ଭାବରେ ବିବେଚନା ନ କରି ପ୍ରତ୍ୟେକ ସାଂସାରିକ ବ୍ୟକ୍ତି ଯେପରି ବଂଚନ୍ତି ଓ ଦୁଃଖକୁ ସୁଖ ବୋଲି ଭାବି ଆଲିଙ୍ଗନ କରନ୍ତି, ଠିକ୍ ସେମିତି ମଧ୍ୟ କଲା । ମଣିଷ ଯାହା ଚାହେଁ...... ତାହା ପାଇଗଲେ ଭଗବାନଙ୍କର ଅସ୍ତିତ୍ୱ ଆଉ ରହିବନି । ଜୀବନରେ କିଛି ଅବଶୋଷ ନ ଥିଲେ, ଅପ୍ରାପ୍ତିର ଯନ୍ତ୍ରଣା ନ ଥିଲେ .....ଜୀବନର ମାନେ କିଛି ନାହିଁ ।

**ଅନୁଗୋଳ**

# ନିସଂଗ ନକ୍ଷତ୍ର

ପ୍ରିୟଙ୍କା ସାହୁ

ବାବୁରେ ଯା କିଛି ସମୟ ଟିକେ ବାହାରେ ବୁଲାବୁଲି କରି ଆସେ । ବେଳେ ବେଳେ ସାଂଗସାଥି ସହ ମିଳାମିଶା କର । ଏମିତି ସବୁବେଳେ ଏକାକୀ ଆବଦ୍ଧ କୋଠରୀ ଭିତରେ କାହିଁକି ବସି ରହୁଛୁ । କଣ ଅସୁବିଧା ହୋଇଛି କି ? ଟଙ୍କାର ଆବଶ୍ୟକତା ଅଛି କି ? କହ ବାପାଙ୍କୁ କହି ତୋର ସବୁ ଦରକାରୀ ଜିନିଷ ଆଣି ଦେବି । ହେଲେ ତୁ ଏମିତି ସବୁବେଳେ ନୀରବରେ ଘର ଭିତରେ ବସି ରହନାରେ ବାବା । ମତେ ଜମାବି ଭଲ ଲାଗୁନି ।

ଅମରର ଏମିତି ଅସ୍ଵାଭାବିକ ପରିବର୍ତନରେ ସୁମିତ୍ରା ବଡ ଚିନ୍ତାରେ ପଡିଯାଇଛି । କଣ ଏମିତି ହୋଇଛି ଯେ ତା ପୁଅ କଲେଜରୁ ଫେରି ସେମିତି ଘର ଭିତରେ ନୀରବରେ ବସି ରହୁଛି । କାହାରି ସହ ବେଶି କଥା ହେଉନି । ଦିନ ସାରା ଯଦି ଖାଇବାକୁ ନ ଦେଉଛି ତେବେବି ଅମରକୁ ଭୋକ ହେଉନି କେତେ ମେଳାପି ସ୍ଵଭାବ ର ଥିଲା ଅମର । ସକାଳ ହେବା ଠାରୁ ରାତିରେ ଶୋଇବା ପର୍ଯ୍ୟନ୍ତ ବକର ବକର ଲଗେଇ ଥାଏ । କଲେଜରେ କୋଉକୋଉ ବିଷୟ ପଢାହେଲା । ସାଂଗ ମାନଙ୍କସହ କେତେ ଥଟ୍ଟାମଜ୍ଜା କରିଲା । ଏମିତିକି କୋଉଝିଅ ତାକୁ ବାରମ୍ବାର ଚାହୁଁଥିଲା ସବୁ କଥା ସୁମିତ୍ରା ଶୁଣୁଶୁଣି ବିରକ୍ତ ହୋଇଯାଉ ଥିଲେ ।ତେଣୁ ସବୁବେଳେ କୁହନ୍ତି , ଓହୋ ଅମର ସବୁବେଳେ ଗପିଗପି ସ୍ମରଣଶକ୍ତି କମିଯିବ କେତେବେଳେ ତ ଟିକେ ଚୁପ ହୋଇବସ । ତେବେ ସତରେ କଣ ଅମର ମା' କଥା ମାନି ପୁରା ନୀରବ ହୋଇଯାଇଛି ? ସବୁବେଳେ ଯେମିତି କୋଉ ଅଜଣା ରାଇଜରେ ହଜି ଯାଉଛି । ମା ମନ ପରା କେମିତି ମାନିବ ଯେ ।

ସେ ଦିନ ସନ୍ଧ୍ୟାରେ ଅତି ବାଧକରି ଅମରକୁ ଛାତ ଉପରକୁ ପଠାଇଲେ । ଖୋଲା ଆକାଶ ତଳେ ଟିକେ ପବନରେ ବୁଲିଲେ ମନଟା କାଳେ ପରିବର୍ତନ ହୋଇଯିବ । କିଛି ସମୟ ଉପରାନ୍ତେ ସୁମିତ୍ରା ଛାତ ଉପରକୁ ଆସି ଦେଖିଲେ ଯେ ଅମର ଗୋଟିଏ କଣରେ ଠିଆହୋଇ ଶୁନ୍ୟ ଆକାଶକୁ ଚାହିଁ କଣ ଭାବୁଛି । ସୁମିତ୍ରା କହିଲେ ଦେଖୁଛୁ ନା ଅମର ଆକାଶରେ ଏତେ ତାରାଙ୍କ ଗହଳି ଭିତରେ ଯେମିତି ଗୋଟିଏ ଜହ୍ନ ହସୁଛି । ତା ହସର ସ୍ନିଗ୍ଧ ଯୋଛନାରେ ସାରା ଦୁନିଆକୁ ହସେଇ ଦଉଛି ସେମିତି ଏତେବଡ ଦୁନିଆରେ ସମସ୍ତେ ମତେ କୁନିକୁନି ତାରାଟେ ପରି ଲାଗନ୍ତି ଆଉ ମୋ ପୁଅ ଅମର ହେଉଛି

ସେଇ ତାରା ମାନଙ୍କ ମେଳରେ ଚାନ୍ଦ ଟିଏ । ତେଣୁ ଏଇ ଚାନ୍ଦ ମୁହଁରେ ମୁଁ ସବୁବେଳେ ହସର ଯୋଛନା ଦେଖିବାକୁ ଚାହେଁ । ହଠାତ୍ ଅମର କହିଲା ମା' ମୁଁ ଚାନ୍ଦ ନୁହେଁ , ଚାନ୍ଦ ପାଖରେ ଥିବା ସେଇ ତାରାଟିକୁ ଦେଖ କେମିତି ସବୁତାରାଙ୍କ ମେଳରୁ ବାହାରି ଆସି ନିସଂଗ ହୋଇ ଯାଇଛି ।ଚମକି ପଡିଲେ ସୁମିତ୍ରା । ଘରେ ବାପା,ମା, ସାନ ଭଉଣୀ ଥାଉ ଥାଉ କେମିତି ନିସଂଗ ହୋଇଗଲା ଅମର । ନିଶ୍ଚିତ କେଉଁ ଝିଅ ର ପ୍ରତାରଣା ର ଆଘାତ ହିଁ  ଆଜି ଅମରକୁ ନିସଂଗ ନକ୍ଷତ୍ରଟିଏ ସଜେଇ ଦେଇଛି ।

ସାହାନିଆଜ ପୁର , କଟକ

ପ୍ରିୟ ପାଠକ ଓ ପାଠିକା,

- ❖ ପ୍ରେରଣା ଇ-ପତ୍ରିକାର ଏହା ପ୍ରଥମ ସଂସ୍କରଣ । ଏହି ଅକ୍ଟୋବର ସଂସ୍କରଣଟି ଆପଣଙ୍କୁ କିପରି ଲାଗିଲା ଆମକୁ ନିଶ୍ଚିନ୍ତ ଜଣାନ୍ତୁ ।
- ❖ ପ୍ରିୟ ଲେଖକ/ଲେଖିକା ମାନଙ୍କୁ ଉତ୍ସାହିତ କରିବା ପାଇଁ ତଥା ପତ୍ରିକାକୁ ଅଧିକ ସରସ ସୁନ୍ଦର କରିବାରେ  ଆପଣଙ୍କ ସୁଚିନ୍ତିତ ମତାମତ ନିତ୍ୟାନ୍ତ ଆବଶ୍ୟକ ।
- ❖ ପ୍ରକାଶନରେ ରେ ହୋଇଥିବା କୌଣସି ତ୍ରୁଟି ଆମକୁ ଜଣାଇଲେ ପରବର୍ତ୍ତୀ ସଂସ୍କରଣରେ ତା'ର ମାର୍ଜନା ପ୍ରତି ଯତ୍ନବାନ ହେବୁ ।

**ଆପଣଙ୍କ ମତାମତ ପ୍ରେରଣା ୱେବସାଇଟରେ "ଆପଣଙ୍କ ମତାମତ" ବିଭାଗରେ**

(https://www.preranaodia.com/your-view/)**ପ୍ରଦାନ କରିବାକୁ ଅନୁରୋଧ ।**

# www.preranaodia.com